بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ଖଣ୍ଡ: ୪

ସମ୍ପାଦକ: କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ: ସୟଦ୍ ଅତାଉଲ୍ ୱାହାବ

ସଂଖ୍ୟା: 29

ବାର୍ଷିକ ଦେୟ : ୬୦୦/-

www.badrqadian.in

1 ମୁହର୍‌ରମ୍ 1445 ହି.କ, 20 ୱଫା 1402 ହି.ଶ 20July 2023 ମସିହା

### ଅଲ୍ଲାଃତାଲାଙ୍କ ବାଣୀ

اِنَّ فِیۡ خَلۡقِ السَّمٰوٰتِ وَالۡاَرۡضِ وَاخۡتِلَافِ الَّیۡلِ وَالنَّہَارِ لَاٰیٰتٍ لِّاُولِی الۡاَلۡبَابِ

(ଆଲେ ଇମ୍ରାନ୍ : 191)

**ଅନୁବାଦ୍:** ବାସ୍ତବିକ ଆକାଶ ଓ ପୃଥିବୀର ସୃଷ୍ଟିରେ ଏବଂ କ୍ରମାନ୍ୱୟରେ ଦିନ ଓ ରାତିର ଆଗମନରେ ଜ୍ଞାନୀ ଲୋକମାନଙ୍କ ପାଇଁ ଅନେକ ନିଦର୍ଶନ ରହିଅଛି ।

### ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟାବାନ୍, ଦୀର୍ଘାୟୁ, ନିଜର ସକଳ-ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟମଣ୍ଡିତ ହେବା ନିମନ୍ତେ ତଥା ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ହୁଜୁର୍ ଅନୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହାୟକ ହୁଅନ୍ତୁ ।

## ନବୀ ସ.ଅଙ୍କ ବାଣୀ

### ଋଣ ହ୍ରାସ କରିବା ନିମନ୍ତେ ସୁପାରିଶ

(2405) ହ. ଜାବିର୍ ର.ଅ ବର୍ଣ୍ଣନା କରନ୍ତି: ସେ କହିଲେ, ହ. ଅବ୍‌ଦୁଲ୍ଲାଃ ☆ ଶହୀଦ୍ ହେବା ପରେ ନିଜ ପଛରେ ସନ୍ତାନ ସନ୍ତତି ଓ ଋଣ ଛାଡ଼ି ଯାଇଥିଲେ। ମୁଁ ଋଣ ଦାତାମାନଙ୍କୁ କହିଲି, ହେ ଋଣ ଦାତାମାନେ ! ଆପଣମାନେ ହ. ଅବ୍‌ଦୁଲ୍ଲାଃଙ୍କ ଋଣରୁ କିଛି ଅଂଶ ଛାଡ଼ କରି ଦିଅନ୍ତୁ । ସେହି ଋଣ ଦାତାମାନେ ଏକଥା ମାନିଲେ ନାହିଁ । ଅତଃ ମୁଁ (ହ. ଜାବିର୍) ଆଁହଜରତ ସ.ଅଙ୍କ ନିକଟକୁ ଆସିଲି ଓ ଆପଣ ସ.ଅଙ୍କୁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ସେହି ଋଣଦାତାମାନଙ୍କୁ ଋଣର କିଛି ଅଂଶ ଛାଡ଼ କରିବା ପାଇଁ ମୋ (ପିତାଙ୍କ) ପାଇଁ ଟିକିଏ ସୁପାରିଶ୍ କରି ଦିଅନ୍ତୁ । ଆଁହଜରତ ସ.ଅ ମୋ ପିତାଙ୍କ ପାଇଁ ସୁପାରିଶ୍ କଲା ପରେ ମଧ୍ୟ ସେମାନେ ମାନିଲେ ନାହିଁ । ଫଳତଃ ଆପଣ ସ.ଅ କହିଲେ: ନିଜର ଖଜୁରୀ କୋଳିକୁ କିସମ ଅନୁଯାୟୀ କ୍ରମ ପର୍ଯ୍ୟାୟରେ ରଖ ଓ ସେଗୁଡ଼ିକୁ ପୃଥକ ପୃଥକ କରିଦିଅ। ଉଜକ୍ ବିନ୍ ଜୈଦଙ୍କ ଖଜୁରୀ କିସମ୍ ପୃଥକ ହେଲା ଏବଂ ଲିନ୍ ପୃଥକ ହେଲା ଓ ଅଜୱା ପୃଥକ ହେବା ଉଚିତ । ପୁନଶ୍ଚ ମୋ ଆସିବା ପର୍ଯ୍ୟନ୍ତ ଋଣଦାତାମାନଙ୍କୁ ନେଇ ଆସ । ମୁଁ ଏହିପରି ହିଁ କଲି । ପୁନଶ୍ଚ ଆପଣ ସ.ଅ ଆସିଲେ ଓ ଖଜୁରୀ କୋଳିର ସ୍ତୁପ ଉପରେ ଆସି ବସିଗଲେ ଓ ପ୍ରତ୍ୟେକ ବ୍ୟକ୍ତିକୁ କୋଳି ମାପି ବାଣ୍ଟି ଦେଇ ଚାଲିଲେ । ଏପର୍ଯ୍ୟନ୍ତକି ପ୍ରତ୍ୟେକ ବ୍ୟକ୍ତି ନିଜର ହକ୍ (ଅଧିକାର ଅର୍ଥାତ ଋଣ ଦେଇଥିଲା ଋଣଗ୍ରସ୍ତ ବ୍ୟକ୍ତିକୁ ସେହି ହକ୍) ସଂପୂର୍ଣ୍ଣ ପ୍ରାପ୍ତ କରିନେଲା ଓ ଖଜୁରୀ କୋଳି ସେହିପରି ହିଁ ରହିଲା । ଏହା ଏପରି ପ୍ରତିତ ହେଉଥିଲା ଯେପରି ଖଜୁରୀ କୋଳିର ସ୍ତୁପକୁ କୌଣସି ବ୍ୟକ୍ତି ସ୍ପର୍ଶ କରି ନାହିଁ ।

☆ **ହଦିସର ବର୍ଣ୍ଣନାକାରୀ ହ. ଜାବିର୍ ର.ଅଙ୍କ ସ୍ୱର୍ଗତ ପିତାଶ୍ରୀ (ହ. ଅବୁଦୁଲ୍ଲାଃ) ମହୋଦୟ ।**

**(ସହିଉଲ୍ ବୁଖାରୀ, ଖଣ୍ଡ-4, କିତବାଲୁ ଇସ୍ତିକ୍ରାଜ୍, ପ୍ରକାଶନ ବର୍ଷ 2008 ମସିହା, କାଦିଆନ୍)**

## ପ୍ରତିଶୃତ ମସିହ୍ ଅ.ସଙ୍କ ନିତୀବାଣୀ

**ଯଦି ସଂସାରେ ପବିତ୍ର କୁରଆନ୍ କରୀମ୍ ନଥାଆନ୍ତା ତେବେ ମଧ୍ୟ ସଂସାରେ ଏକ ଈଶ୍ୱରଙ୍କ ଉପାସନା ହୋଇ ନଥାଆନ୍ତା ।**

**ଆମେମାନେ ଯେତେବେଳେ ପ୍ରକୃତିର ନିୟମକୁ ଅବଲୋକନ କରୁ ସେତେବେଳେ ନିଃସନ୍ଦେହ ରୂପେ ଆମକୁ ଏହା ସ୍ୱୀକାର କରିବାକୁ ପଡ଼ିଥାଏ ଯେ, ଏହି ଜଗତର ଜଣେ ସୃଷ୍ଟିକର୍ତ୍ତା ଓ ଜଣେ ମାଲିକ ଅବଶ୍ୟ ଅଛନ୍ତି ।**

**ଅଲ୍ଲାଃତାଲାଙ୍କର କେହି ବି ଶରିକ୍ (ସମକକ୍ଷ) ନୁହନ୍ତି, ହୃଦୟ ତାହାଙ୍କୁ ହିଁ ଗ୍ରହଣ କରିଥାଏ ଓ ପ୍ରକୃତିର ପ୍ରମାଣରୁ ମଧ୍ୟ ତାହାଙ୍କ ଅସ୍ତିତ୍ୱ ସଂପର୍କରେ ସୂଚନା ପ୍ରାପ୍ତ ହୋଇଥାଏ ।**

ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷାକୁ ଅଲ୍ଲାଃତାଲା ଅନେକ ଶୈଳୀରେ ସୁଦୃଢତ୍ୱ ପ୍ରଦାନ କରିଛନ୍ତି । କାରଣ ତହିଁରେ କୌଣସି ପ୍ରକାରର ସଂଶୟ ଯେପରି ବାକି ନରହୁ । ଅତଃ ପ୍ରାରମ୍ଭରେ ହିଁ ଅଲ୍ଲାଃତାଲା କହିଲେ, لَا رَیۡبَ فِیۡہِ (ଅଲ୍ ବକ୍ରାହ୍: 3) ଏହି ସୁଦୃଢତ୍ୱ ଅନେକ ପ୍ରକାରେ ତଥା ଅନେକ ଶୈଳୀରେ ବର୍ଣ୍ଣନା କରାଯାଇଅଛି ।

ପ୍ରଥମତଃ- ପ୍ରକୃତିର ନିୟମରୁ ହିଁ ପବିତ୍ର କୁରଆନ କରୀମ୍‌ର ଶିକ୍ଷାକୁ ସ୍ଥାୟୀତ୍ୱତା ଓ ସୁଦୃଢତ୍ୱତା କରାଯାଇଛି । ପବିତ୍ର କୁରଆନ୍‌ରେ ଯାହାସବୁ ବର୍ଣ୍ଣିତ ହୋଇଛି ପ୍ରକୃତିର ନିୟମ ତାହାକୁ ସଂପୂର୍ଣ୍ଣ ରୂପେ ସମର୍ଥନ ଜଣାଏ । ଅର୍ଥାତ ପବିତ୍ର କୁରଆନ୍‌ରେ ଯାହାସବୁ ରହିଛି ତାହା **କିତାବେ ମକ୍‌ନୁନ୍** (ଲୁକ୍କାୟିତ ତଥା ଗୋପନୀୟ ହୋଇ ରହିଥିବା ଗ୍ରନ୍ଥ ମଧ୍ୟରେ)ରେ ରହିଛି । ଅବତାରମାନଙ୍କର ଅନୁକରଣ କରିବା ବ୍ୟତୀରେକ ଏହାର ରହସ୍ୟକୁ ବୁଝି ହେବ ନାହିଁ । ସୁତରାଂ ଏହା ହିଁ ସେହି ଭେଦ ଯାହାକି لَا یَمَسُّہٗۤ اِلَّا الۡمُطَہَّرُوۡنَ (ଅଲୱାକିୟାହ୍: ୫୦) (ପବିତ୍ର ବ୍ୟକ୍ତିମାନଙ୍କ ବ୍ୟତୀତ ଅନ୍ୟ କେହି ଏହାର ସତ୍ୟତାକୁ ଉପଲବ୍ଧି କରିପାରିନ୍ତି ନାହିଁ)ରେ ନିହିତ ରହିଛି । ଅର୍ଥାତ ପ୍ରଥମେ କୁରଆନୀୟ ଶିକ୍ଷାକୁ ପ୍ରକୃତିର ନିୟମ ଦ୍ୱାରା ସୁଦୃଢୀଭୂତ କରାଯାଇଛି । ଉଦାହରଣ ସ୍ୱରୂପ କୁରଆନ୍ ଅଲ୍ଲାଃତାଲାଙ୍କର ସିଫତ୍ (ବିଶିଷ୍ଟ ଗୁଣାବଳୀ) ମଧ୍ୟରୁ ୱହ୍‌ଦହୁ ଓ ଲା ଶରିକ୍ ଦର୍ଶାଇଛି । ଅତଃ ଆମେମାନେ ଯେତେବେଳେ ପ୍ରକୃତିର ନିୟମ ଉପରେ ଦୃଷ୍ଟିପାତ କରୁ ସେତେବେଳେ ଏହା ସ୍ୱୀକାର କରିବାକୁ ପଡ଼ିଥାଏ ଯେ, ନିଃସନ୍ଦେହ ରୂପେ ଏହି ଜଗତର ଜଣେ ସୃଷ୍ଟିକର୍ତ୍ତା ଓ ମାଲିକ ଅଛନ୍ତି । ତାହାଙ୍କର କେହି ବି ସମକକ୍ଷ ନୁହନ୍ତି । ହୃଦୟ ମଧ୍ୟ ତାହାଙ୍କୁ ହିଁ ସ୍ୱୀକାର କରିଥାଏ ଓ ପ୍ରକୃତିର ପ୍ରମାଣରୁ ମଧ୍ୟ ତାହାଙ୍କ ସଂପର୍କରେ ଜଣା ପଡ଼ିଥାଏ । କାରଣ ପୃଥିବୀରେ ଯେଉଁ ପ୍ରତ୍ୟେକ ବସ୍ତୁ ରହିଛି ତାହା ନିଜ ମଧ୍ୟରେ ଏକ ଶକ୍ତିର ଅଧିକାରୀ । ଯେପରିକି ବୁନ୍ଦାଏ ଜଳ ବିନ୍ଦୁ ହାତରୁ ଯେତେବେଳେ ଆମେ ଛାଡୁ ତେବେ ତାହା ଏକ ବୃତ୍ତାକାର ପରିଧିର ଆକାର ଧାରଣ କରିନେବ । ଏହି ବୃତ୍ତାକାର ପରିଧି ଏକେଶ୍ୱରବାଦକୁ ସୂଚାଇଥାଏ । ଏଇଥିପାଇଁ ପାଦ୍‌ରୀମାନଙ୍କୁ ଏହା ସ୍ୱୀକାର କରିବାକୁ ପଡ଼ିଛି ଯେ, ଯେଉଁଠି ତ୍ରିଦେବତ୍ୱର ମତବାଦ ପହଞ୍ଚି ନାହିଁ ସେଠାକାର ଅଧିବାସୀମାନଙ୍କୁ ଏକେଶ୍ୱରବାଦ ସଂକ୍ରାନ୍ତରେ ପ୍ରଶ୍ନ କରାଯିବ । ସୁତରାଂ ଫଣ୍ଡର୍ ନାମକ ଜଣେ ପାଦରୀ ନିଜର ଲେଖନୀଗୁଡ଼ିକରେ ଉକ୍ତ ପ୍ରସଙ୍ଗକୁ ସ୍ୱୀକାର କରିଛନ୍ତି। ତହିଁରୁ ଏହା ଜ୍ଞାତ ହୁଏ ଯେ, ପବିତ୍ର କୁରଆନ୍ କରୀମ ଯଦି ସଂସାରେ ବି ନ ଥାଆନ୍ତା ତେବେ ମଧ୍ୟ ଏକ ଈଶ୍ୱରଙ୍କର ଉପାସନା କରାଯାଇଥାଆନ୍ତା । ତହିଁରୁ ଏହା

ଜ୍ଞାତ ହୁଏ ଯେ, ପବିତ୍ର କୁରଆନ୍ କରୀମର ବର୍ଣ୍ଣନା ସଂପୂର୍ଣ୍ଣ ରୂପେ ଠିକ୍ ଅଟେ । କାରଣ ଏହାର ନକସା ମାନବିକେ ସ୍ୱଭାବ ଓ ହୃଦୟରେ ବିଦ୍ୟମାନ ରହିଛି ଏବଂ ପ୍ରକୃତିର ପ୍ରମାଣ ଦ୍ୱାରା ଏହାର ସାକ୍ଷ୍ୟ ମିଳିଥାଏ । ଏହାର ବିପରୀତ ଇଞ୍ଜିଲରେ ତ୍ରିଦେବବଦ୍ର ଚିତ୍ର ନା ହୃଦୟ ମଧ୍ୟରେ ରହିଛି ଓ ନା ହିଁ ପ୍ରକୃତିର ନିୟମ ଏହାକୁ ସମର୍ଥନ ଜଣାଏ ବା କରେ ।

(ମଲଫୁଜାତ୍, ଭାଗ-1, ପୃ-463, ପ୍ରକାଶନ ବର୍ଷ-2018 ମସିହା, ସ୍ଥାନ- କାଦିଆନ୍)

**ସଂସାରର ପ୍ରତ୍ୟେକ ବସ୍ତୁ ସମାଗ୍ରିକ ଭାବରେ ହେଉ ଓ ପୃଥକ୍ ପୃଥକ ଭାବରେ ସମସ୍ତ ବସ୍ତୁ ପ୍ରଭୁଙ୍କ ଗୁଣଗାନ କରୁଛନ୍ତି। ପ୍ରତ୍ୟେକ ବସ୍ତୁରେ ଈଶ୍ୱରଙ୍କ ସିଫାତ୍ (ବିଶେଷ ଗୁଣ)ର ଏକ ଝଲକ ବିଦ୍ୟମାନ ରହିଛି । ଈଶ୍ୱରଙ୍କ ଦୋଷ ଲୁଚାଇବା କ୍ଷମା ପ୍ରଦାନ କରିବା, ତାହାଙ୍କ ସୃଷ୍ଟିର ସଂରଚନା, ତାହାଙ୍କ ଆଧିପତିତ୍ୱତା ଆଦି ସମସ୍ତ ସିଫାତ୍ ପ୍ରତ୍ୟେକ ବସ୍ତୁରେ ବିଦ୍ୟମାନ ରହିଛି ଓ ପ୍ରତ୍ୟେକ ବସ୍ତୁରେ ପ୍ରଭୁଙ୍କର ଏହି ବିଚିତ୍ର ସିଫାତି ଲୀଳା ଦେଖିବାକୁ ମିଳିଥାଏ ।**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ବନି ଇସ୍ରାଇଲ୍‌ର ଆୟତ୍ ନଂ 45 تُسَبِّحُ لَہُ السَّمٰوٰتُ السَّبۡعُ وَالۡاَرۡضُ وَمَنۡ فِیۡہِنَّ ؕ وَاِنۡ مِّنۡ شَیۡءٍ اِلَّا یُسَبِّحُ بِحَمۡدِہٖ وَلٰکِنۡ لَّا تَفۡقَهُوۡنَ تَسۡبِیۡحَهُمۡ ؕ اِنَّہٗ کَانَ حَلِیۡمًا غَفُوۡرًا ର ବ୍ୟାଖ୍ୟା କରି କୁହନ୍ତି: ଉକ୍ତ ଆୟତ୍‌ରେ ଆପଣ ର.ଅ କହିଲେ ଯେ, ଆମେ ସଂସାରକୁ ଯଦି ସାମଗ୍ରିକ ଦୃଷ୍ଟିରେ ଦେଖୁ ତେବେ ଏହା ମଧ୍ୟ ଏକେଶ୍ୱରବାଦଙ୍କ ଅସ୍ତିତ୍ୱ ସଂପର୍କରେ ସୂଚନା ପ୍ରଦାନ କରିଥାଏ । ସଂସାରର ଗୋଟି ଗୋଟିଏ ବସ୍ତୁକୁ ଯଦି ଆମେ ଅନୁଧ୍ୟାନ କରୁ ତେବେ ତାହା ପୃଥକ ପୃଥକ ମଧ୍ୟ ଉକ୍ତ କଥାକୁ ସୂଚାଏ ଯେ, ନିଶ୍ଚିତ ରୂପେ ସଂସାରର ଜଣେ ସ୍ରଷ୍ଟା ଅଛନ୍ତି ଯେକି ଏକେଶ୍ୱର ଓ ଅଦ୍ୱିତୀୟ ଅଟନ୍ତି । وَاِنۡ مِّنۡ شَیۡءٍ اِلَّا یُسَبِّحُ بِحَمۡدِہٖ ରେ ତାହାଙ୍କ (ଅର୍ଥାତ ପ୍ରଭୁଙ୍କ) ବ୍ୟକ୍ତିଗତ ଗୁଣଗାନ କରିବାର ଚର୍ଚ୍ଚା ରହିଛି । ପ୍ରଥମ ପଂକ୍ତିରେ ସାମଗ୍ରିକ ରୂପେ ଏକେଶ୍ୱରବାଦ ପ୍ରକାଶ କରିବା ନିମନ୍ତେ ଇଙ୍ଗିତ ରହିଛି । ଅନ୍ୟଥା ଯଦି تُسَبِّحُ لَہُ السَّمٰوٰتُ السَّبۡعُ وَالۡاَرۡضُ وَمَنۡ فِیۡہِنَّ ରେ ମଧ୍ୟ ପୃଥକ ପୃଥକ ଭାବରେ ଏକେଶ୍ୱରବାଦ ସାବ୍ୟସ୍ତ କରିବା ଯଦି ଅଭିପ୍ରାୟ ହୁଅନ୍ତା ତେବେ ପରେ ଏହି ବାକ୍ୟଟି ଆସି ନଥାଆନ୍ତା । ଅତଏବ୍ ଉକ୍ତ ବାକ୍ୟକୁ ପୁନଃ ବର୍ଣ୍ଣନା କରିବା ଏହା ଦର୍ଶାଏ ଯେ, ପ୍ରଥମ ବାକ୍ୟରେ ସଂସାର ସମସ୍ତ ବସ୍ତୁର ସାମଗ୍ରିକ ରୂପେ ଏକେଶ୍ୱରବାଦ ସାବ୍ୟସ୍ତ କରିବା ପ୍ରକାଶ୍ୟ କରାଯାଇଛି ଏବଂ ଦ୍ୱିତୀୟ ବାକ୍ୟରେ ସଂସାରର ପ୍ରତ୍ୟେକ ବସ୍ତୁର ପୃଥକ ପୃଥକ ଏକେଶ୍ୱରବାଦ ସଂପର୍କରେ ପ୍ରମାଣ ମିଳିବା ଦର୍ଶାଯାଇଛି। ସଂସାରର ବସ୍ତୁକୁ ମଧ୍ୟ ଦେଖିନିଅ ! ଯେ, ସେମାନେ କିପରି ପରସ୍ପର ସହିତ ଅଙ୍ଗାଅଙ୍ଗି ଭାବେରେ ଜଡ଼ିତ ଅଟନ୍ତି । କେତେକ ବସ୍ତୁ ପରସ୍ପର ମଧ୍ୟରେ ହଜାର ହଜାର, ଲକ୍ଷାଧିକ , ଉର୍ଦ୍ଧ୍ୱକୋଟି ମାଇଲରେ ଅବସ୍ଥିତ ଅଟନ୍ତି । କିନ୍ତୁ ସମସ୍ତଙ୍କର ଅସ୍ତିତ୍ୱ ପରସ୍ପର ସହିତ ଜଡ଼ିତ ହୋଇଥାଏ ଏବଂ ସମସ୍ତେ ପରସ୍ପର ମଧ୍ୟରେ ଏକ ବ୍ୟବସ୍ଥା ତଥା ଶୃଙ୍ଖଳାରେ ଜଡ଼ିତ ଅଟନ୍ତି । ଅତଏବ ସେମାନଙ୍କର ଏକ ନିୟମ ବ୍ୟବସ୍ଥା ସହିତ ସଂଶ୍ଳୀଷ୍ଟ ବା ଜଡ଼ିତ ରହିବା ଏହା ଦର୍ଶାଏ ଯେ, ସଂସାରରେ ଅନ୍ୟ କୌଣସି ନିୟମ ଆଉ ନାହିଁ । ଅନ୍ୟଥା ଅବଶ୍ୟ ବ୍ୟାଘାତ ସୃଷ୍ଟି ହୋଇଥାଆନ୍ତା । ସୁତରାଂ ଯେତେବେଳେ ଅନ୍ୟ ନିୟମ ବ୍ୟବସ୍ଥା ହିଁ ନାହିଁ ତେବେ ଅନ୍ୟ ନିୟମ ପ୍ରଣେତାଙ୍କର ଅସ୍ତିତ୍ୱ କିପରି ସମ୍ଭବପର ହେବ ?

ସଂସାରର ପ୍ରତ୍ୟେକ ବସ୍ତୁ ପୃଥକ ପୃଥକ ଈଶ୍ୱରଙ୍କ ସିଫାତର ଏକ ଝଲକ ଅଟେ । ଈଶ୍ୱରଙ୍କ ଦୋଷ ଲୁଚାଇବା, କ୍ଷମା ପ୍ରଦାନ କରିବା, ତାହାଙ୍କ ସୃଷ୍ଟିର ସଂରଚନା, ତାହାଙ୍କ ଆଧିପତିତ୍ୱତା ଆଦି ସମସ୍ତ ସିଫାତ୍‌ଗୁଡ଼ିକ ପ୍ରତ୍ୟେକ ବସ୍ତୁରେ ବିଦ୍ୟମାନ ରହିଛି । ଅର୍ଥାତ ସେହି ବସ୍ତୁଗୁଡ଼ିକ ଏହି କଥା ଉପରେ କାର୍ଯ୍ୟାନୁସରଣ କରୁଥିବାର ଦୃଶ୍ୟମାନ ହୁଅନ୍ତି । ସଂସାରର ଅଣୁଟିଏ ମଧ୍ୟ ନେଇନିଅ ତହିଁରେ ଏହି ସମସ୍ତ ସିଫାତ୍ କାର୍ଯ୍ୟ କରୁଥିବାର ଦୃଶ୍ୟମାନ ହେବ । ଅତଏବ୍ ଯଦି ପ୍ରତ୍ୟେକ ବସ୍ତୁ ଏକେଶ୍ୱରଙ୍କ ସିଫାତ୍‌କୁ ପ୍ରକାଶ କରୁଛି ତେବେ ତାହାକୁ ଅନ୍ୟ କୌଣସି ଈଶ୍ୱରଙ୍କ ସହିତ କିପରି ସମ୍ବନ୍ଧିତ କରାଯାଇପାରିବ ? وَلٰکِنۡ لَّا تَفۡقَهُوۡنَ تَسۡبِیۡحَهُمۡ ରୁ କେତେକ ଲୋକ ଏହି ଅର୍ଥ ବାହାର କରନ୍ତି ଯେ, ସେମାନଙ୍କର ପୃଥକ ପୃଥକ ଭାଷା ରହିଛି ଯାହାକି ବୁଝି ହୁଏ ନାହିଁ । ଯଦି ପ୍ରତ୍ୟେକ ବସ୍ତୁର ଭିନ୍ନ ଭିନ୍ନ ଭାଷା ଓ ଭିନ୍ନ ଭିନ୍ନ ହୁଅନ୍ତା ଏବଂ ଆମେ ସେଗୁଡ଼ିକୁ ବୁଝି ନ ପାରନ୍ତେ ତେବେ ଉକ୍ତ ପ୍ରସଙ୍ଗର କିପରି ପ୍ରମାଣ ହୋଇପାରି ଥାଅନ୍ତା ? ପ୍ରମାଣ କହିଲେ ଆମେମାନେ ଅତି ସହଜରେ ବୁଝିପାରି ଥାଉ । ଅତଏବ ଏଠାରେ تَفۡقَهُوۡنَ ରୁ ବିଭିନ୍ନ ବସ୍ତୁର ଭାଷା ତଥା ବୋଲି ବୁଝିବା ଯଥାର୍ଥ ନୁହେଁ ବରଂ ଏହା କୁହାଯାଇଛି ଯେ, ତୁମେମାନେ ଏହା ବୁଝୁ ନାହିଁ ଯେ, ସେହି ବସ୍ତୁଗୁଡ଼ିକ ପ୍ରଭୁଙ୍କର ଗୁଣଗାନ କରୁଛନ୍ତି اِنَّہٗ کَانَ حَلِیۡمًا غَفُوۡرًا ସେ (ପ୍ରଭୁ) ଅତ୍ୟନ୍ତ ଉଦାର ଓ କ୍ଷମାଶୀଳ ଅଟନ୍ତି । ତହିଁରେ ଏହି ଆଡ଼କୁ ଇଙ୍ଗିତ ରହିଛି ଯେ, ତାହାଙ୍କ (ପ୍ରଭୁଙ୍କ) ଜ୍ଞାନ ଯୋଗୁଁ ତୁମେମାନେ ଲାଭବାନ୍ୱିତ ହେବା ପରିବର୍ତ୍ତେ ଉପଦ୍ରବରେ ଉନ୍ନତି କରୁଛ । କ'ଣ ତୁମେ ବିଚାର କରୁ ନାହଁ ଯେ, ଏହିଭଳି ବ୍ୟବସ୍ଥା ଓ ପ୍ରମାଣ ହେବା ସତ୍ତ୍ୱେ ତୁମମାନଙ୍କର ତହିଁରୁ ଉପକୃତ ତଥା ଲାଭବାନ ହେବା, ଉପଦ୍ରବରେ ଉନ୍ନତି କରିବା ଓ ତୁରନ୍ତ ଦଣ୍ଡିତ ନହେବା ଅଲ୍ଲାଃତାଲାଙ୍କ ଜ୍ଞାନ ଯୋଗୁଁ ହିଁ ସମ୍ଭବପର ହୋଇପାରିଛି । ସୁତରାଂ ତୁମେମାନେ ସାଧୁତାର ଆବେଗ ପ୍ରକାଶ କର ଓ ଅଲ୍ଲାଃତାଲାଙ୍କ ଦ୍ୱାରା ପ୍ରଦତ୍ତ ଜ୍ଞାନ ପ୍ରତି ସମ୍ମାନ ପ୍ରଦର୍ଶନ କର ।

**(ତଫ୍‌ସିର୍ କବିର୍ ଗ୍ରନ୍ଥ ଖଣ୍ଡ-4, ପୃ-343, ପ୍ରକାଶନ ବର୍ଷ-2010 ମସିହା, କାଦିଆନ୍)**

# କନ୍ୟା ସନ୍ତାନ ପରେ ପୁତ୍ର ସନ୍ତାନ

## ପୁତ୍ର ସନ୍ତାନ ପ୍ରାପ୍ତ କରିବାର ପ୍ରକୃତ କୁରଆନୀୟ ନୁସ୍‌ଖା (ପଥ୍ୟ)

(ହ. ମୀର୍ ମୁହମ୍ମଦ ଇସ୍‌ମାଇଲ୍ ସାହେବ ର.ଅ)

ହ. ଡାକ୍ତର ମୀର୍ ମୁହମ୍ମଦ ଇସ୍‌ମାଇଲ୍ ସାହେବ ର.ଅଙ୍କ ଚିତ୍ତାକର୍ଷକ ବିଷୟବସ୍ତୁ ଅଲ୍‌ଫଜଲ୍ 1936 ମସିହାରୁ ଉଦ୍ଧୃତ ହୋଇ ପାଠକ ପାଠିକାଙ୍କ ସମ୍ମୁଖରେ ଉପସ୍ଥାପିତ କରାଯାଉଅଛି । ପୁତ୍ର ସନ୍ତାନ ପ୍ରାପ୍ତ କରିବା ନିମନ୍ତେ ପବିତ୍ର କୁରଆନ୍ କରୀମ୍‌ର ଏକ ବହୁ ପରୀକ୍ଷିତ ନୁସ୍‌ଖା (ପଥ୍ୟ) ନିମ୍ନରେ ବିଷୟବସ୍ତୁ ଆକାରରେ ଉପସ୍ଥାପିତ କରାଗଲା । ପୁତ୍ର ସନ୍ତାନ ପ୍ରାପ୍ତ କରିବାକୁ ଥିବା ଇଚ୍ଛୁକ ବ୍ୟକ୍ତିମାନେ କନ୍ୟା ସନ୍ତାନ ପରେ ପୁତ୍ର ସନ୍ତାନ ପ୍ରାପ୍ତ କରିବା ପାଇଁ ଏହି ନୁସ୍‌ଖା ଅବଶ୍ୟ ଆପଣାନ୍ତୁ । (ଇଦାରାହ୍)

ଅଲ୍‌ଫଜଲ୍ ପତ୍ରିକାରେ ଔଷଧ ସଂପର୍କରେ ଏକ ଆଲେଖ୍ୟ ପ୍ରକାଶିତ ହୋଇଥିଲା ଯେ, ଉକ୍ତ ଔଷଧ ବ୍ୟବହାର କରିବା ଫଳରେ ଯେଉଁ ବ୍ୟକ୍ତିଙ୍କ ଘରେ କନ୍ୟା ସନ୍ତାନ ଜନ୍ମ ହୁଅନ୍ତି ସେଠାରେ ଏହି ନୁସ୍‌ଖାକୁ ବ୍ୟାବାହାର କରିବା ଫଳରେ ଉକ୍ତ ବ୍ୟକ୍ତି ଘରେ ପୁତ୍ର ସନ୍ତାନ ଜନ୍ମ ଗ୍ରହଣ କରିବ । ଉକ୍ତ ଆଲେଖ୍ୟକୁ ପାଠ କରି ମୋତେ ଏକଥା ମନେ ପଡ଼ିଗଲା ଯେ, ମୁଁ ମଧ୍ୟ ଏହି ନୁସ୍‌ଖା (ପଥ୍ୟ) ସଂପର୍କରେ ଜଣିଛି ଏବଂ ମୁଁ ଅଭାବି ଓ ଇଚ୍ଛୁକ ଲୋକମାନଙ୍କ ପାଇଁ ଉକ୍ତ ନିଃଶୁଳ୍କ ନୁସ୍‌ଖାକୁ ପ୍ରକାଶ କରିଦେଉଛି ।

ଉକ୍ତ ନୁସ୍‌ଖାର ଇତିହାସ ଏହିପରି ଯେ, ଏକଦା ବୁଶ୍ରା ନାମ୍ନୀ ଜଣେ କନ୍ୟା ସନ୍ତାନ ମୋ ପାଖରେ ଛିଡ଼ା ହୋଇଥିଲା ଓ ତା'ର ସାନ ଭାଇ ସେତେବେଳେ ମୋ ସମ୍ମୁଖରେ ଥିଲା । ମୁଁ କୁତୁହଳ ବଶତଃ ଉକ୍ତ କନ୍ୟାର ନାଁ ସଂପର୍କରେ ଓ ପୁତ୍ରର ଉପସ୍ଥିତି ଅନୁଯାୟୀ ଏହି ଆୟତ୍ ଅର୍ଥାତ୍ ସୁରାହ୍ ୟୁସୁଫ୍ ପଢିଲି ଏବଂ ଦୁହିଁଙ୍କ ଆଡ଼କୁ ଆଙ୍ଗୁଠିରେ ଇଙ୍ଗିତ କରି କହିଲି । یٰبُشۡرٰی هٰذَا غُلٰمٌ ଅର୍ଥାତ ଏହାର ଅର୍ଥ ଶୁଭ ସମାଚାର ହେଉ ଯେ, ତୁମକୁ ଏହି ପୁତ୍ର ସନ୍ତାନ ପ୍ରାପ୍ତ ହେଲା । ଅବା "ତୁମକୁ ଅଭିନନ୍ଦନ ଜଣାଉଛି ଏହି ବାଳକଟି ତୁମକୁ ପ୍ରାପ୍ତ ହେଲା । ତତସହିତ କୌଣ ଜଣେ ଉକ୍ତ ଝିଅ (କନ୍ୟା) ସଂପର୍କରେ କହିଲେ ଯେ," (ଅବଶିଷ୍ଟାଂଶ ପୃଷ୍ଠା ୧୦ରେ..........)

# (ଖୁତ୍‌ବା ଜୁମା)

"ଆମର ଜମାଅତ୍ ପକ୍ଷେ ଏହି କଥାର ଆବଶ୍ୟକତା ରହିଛି ଯେ, ସେମାନଙ୍କର ବିଶ୍ୱାସ ଅଭିବୃଦ୍ଧି ପାଉ । ଅଲ୍ଲାତାଲାଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଆଣିବା ଓ ତାହାଙ୍କର ପରିଚୟ ହୃଦୟ ମଧ୍ୟ ସୃଷ୍ଟି ହେବା ଉଚିତ । ପୁଣ୍ୟ କର୍ମ ସମ୍ପାଦନ କରିବା ପ୍ରତି କେବେ ବି ଅଳସୁଆମୀ ପ୍ରଦର୍ଶନ କର ନାହିଁ । କାରଣ......... ଯଦି ସତ୍‌କର୍ମ କରିବା ପ୍ରତି ମନରେ ଇଚ୍ଛା ଶକ୍ତି ଜାତ ନହୁଏ ଏବଂ ପୁଣ୍ୟ କର୍ମ କରିବାରେ ପ୍ରତିଯୋଗୀ ମନୋଭାବ ଓ ଉତ୍ସାହ ଯଦି ନରୁହେ ତେବେ ମୋ ସହିତ ସଂପର୍କ ସ୍ଥାପନ କରିବା ନିରର୍ଥକ ଅଟେ । (ହ. ମସିହ୍ ମଉଦ୍)"

| |
|---|
| ଯେଉଁ ବ୍ୟକ୍ତି ଶାନ୍ତିର ସମୟକୁ ବିଳାସ ବ୍ୟସନରେ ଅତିବାହିତ କରିଦିଏ ଓ ବିପତ୍ତି ସମୟରେ ପ୍ରାର୍ଥନା କରିବାକୁ ଲାଗେ ତେବେ ତା'ର ପ୍ରାର୍ଥନା ଆଦୌ ସ୍ୱୀକୃତ ହୋଇ ନଥାଏ । |

ଏହି ମୌଳିକ ବିନ୍ଦୁଟି ଯେ, ଆମମାନଙ୍କୁ କେବେ ବି ନିଜର ଉପାସନା ଓ ପ୍ରାର୍ଥନାରେ ଅବହେଳା ଓ ଅଳସୁଆମୀ ପ୍ରଦର୍ଶନ କରିବା ଉଚିତ ନୁହେଁ।

| |
|---|
| "ଦୁଆ ପାଇଁ ସର୍ବ ପ୍ରଥମ ଏହି ପ୍ରସଙ୍ଗର ଆବଶ୍ୟକତା ରହିଛି ଯେ, ଦୁଆକାରୀ ବ୍ୟକ୍ତି କେବେ ବି କ୍ଳାନ୍ତ ନହେଉ ଓ ନିରାଶ ମଧ୍ୟ ନହେଉ ଏବଂ ଅଲ୍ଲାଃତାଲାଙ୍କ ଉପରେ କୁଧାରଣା କେନ୍ଦ୍ରିତ କରି ନବସୁ ଯେ, ବର୍ତ୍ତମାନ ଆଉ କିଛି ବି ହୋଇପାରିବ ନାହିଁ । " |

ଅଲ୍ଲାଃତାଲା ଯେକି ମହାନ ଦୟାଳୁ ଅଟନ୍ତି ଓ ଲଜ୍ଜାକୁ ପସନ୍ଦ କରନ୍ତି ସେ ଯେତେବେଳେ ଏହା ଉପଲବ୍ଧି କରନ୍ତି ଯେ, ତାହାଙ୍କ ବିନୀତ ଭକ୍ତ ଦୀର୍ଘ ଦିନ ହେଲା ତାହାଙ୍କ ଆସ୍ଥାନରେ ପଡ଼ି ରହି ତାଙ୍କୁ ଡାକୁଛି ତେବେ ସେ ପରିପ୍ରେକ୍ଷୀରେ ପ୍ରଭୁ ସେହି ଭକ୍ତର ପରିଣାମ କେବେ କୁପରିଣାମ ଅର୍ଥାତ ତା'ର ଅବସ୍ଥାକୁ ଦୁର୍ଗତି କରିବେ ନାହିଁ ।

| |
|---|
| "ଯେତେବେଳେ ତୁମେ ଅଲ୍ଲାଃତାଲାଙ୍କ ସମକ୍ଷରେ ଛିଡ଼ା ହୁଅ ସେତେବେଳେ ତୁମମାନଙ୍କ ପକ୍ଷେ ଏହା ଉଚିତ୍ ଯେ, ନିଜର ଅସ୍ତିତ୍ୱ ପ୍ରତି ବିନୀତତା ଓ ପ୍ରଭୁଙ୍କ ପ୍ରତି ମନରେ ଶ୍ରଦ୍ଧା ଓ ଭକ୍ତି ପ୍ରଦର୍ଶନ କରିବା ଉଚିତ ।" |

ପ୍ରତ୍ୟେକ କାର୍ଯ୍ୟ ପାଇଁ ଏକ ସମୟ ଧାର୍ଯ୍ୟ ହୋଇଥାଏ ଏବଂ ପୁଣ୍ୟବାନ ସଦାଚାରୀ ବ୍ୟକ୍ତିମାନେ ସେହି ସମୟକୁ ଅପେକ୍ଷା କରି ବସିଥାନ୍ତି। ଯେଉଁ ବ୍ୟକ୍ତି ସେହି ସମୟକୁ ଅପେକ୍ଷ କରେ ନାହିଁ ଏବଂ ନିମିଷକେ ତଥା ଆଖି ପିଛୁଳାକେ ସବୁ କାର୍ଯ୍ୟ ହୋଇଯାଉ ଓ ଶୀଘ୍ର ଫଳାଫଳ ବାହାରି ଆସୁ ବୋଲି ଚାହିଁଥାଏ ତେବେ ସେହି ବ୍ୟକ୍ତି ଆତୁର, ତରବରିଆ ବ୍ୟକ୍ତି ଅଟେ । ସେହି ବ୍ୟକ୍ତି କେବେ ହେଲେ ନିଜ କାର୍ଯ୍ୟରେ ସାଫଲ୍ୟମଣ୍ଡିତ ହୋଇ ନଥାଏ ।

ହଜରତ୍ ମସିହ୍ ମଉଦ୍ ଅ.ସ.ଙ୍କ ବିଶ୍ୱାସବର୍ଦ୍ଧକ ଆଲେଖ୍ୟ ପ୍ରକାଶରେ ଦୁଆର ବାସ୍ତବତା, ନିୟମବିଧି, ଆମମାନଙ୍କର ଦାୟିତ୍ୱାବଳୀ, ଦୁଆର ଆବଶ୍ୟକତା ଓ ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ସଂପର୍କରେ ଚାକ୍ଷୁଷିକ ଶୋଭା ବର୍ଦ୍ଧକ ବର୍ଣ୍ଣନା ।

ଆଁହଜରତ ସ.ଅଙ୍କ ସର୍ବୋଚ୍ଚ ପଦମର୍ଯ୍ୟାଦା ସମ୍ପନ୍ନ ବଦରୀ ସାହାବି ତଥା ମାର୍ଗଦର୍ଶୀ ଖଲିଫା ହ. ଅବୁ ବକର[ର.ଅ]ଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

---

ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଅ.ବ]ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା

**16 Dec 2022 ମସିହା ଅନୁଯାୟୀ ଫତହ୍ ନବୁଓତ୍ /୧୪୦୧ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّاكَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ଦୁଆ ସଂକ୍ରାନ୍ତରେ ଅନେକ ଲୋକମାନେ ନାନା ପ୍ରଶ୍ନ କରିଥାଆନ୍ତି । ଦୁଆ ଏବଂ ଅଲ୍ଲାଃତାଲାଙ୍କ ସଂକ୍ରାନ୍ତରେ ପରିକଳ୍ପିତ କୁମନ୍ତ୍ରଣା ଅନୁଯାୟୀ ନାସ୍ତିକବାଦୀ ସମର୍ଥନକାରୀମାନେ ଏହିଭଳି ହିଁ ପ୍ରଶ୍ନ କରିଥାଆନ୍ତି ଏବଂ ନାସ୍ତିକବାଦୀମାନଙ୍କର ଈଶ୍ୱରଙ୍କ ଠାରୁ ଦୂରେଇ ଦେବାର ହୀନ ପ୍ରୟାସ ବର୍ତ୍ତମାନ ମଧ୍ୟ ଅବ୍ୟାହତ ରହିଛି। ଶୈତାନ୍ ମନୁଷ୍ୟ ସହିତ ସହାନୁଭୂତି ପ୍ରଦର୍ଶନ କରି ସହାନୁଭୂତିର ପୋଷକ ପିନ୍ଧି ତାହାକୁ (ମନୁଷ୍ୟକୁ) ଧର୍ମ ଓ ଈଶ୍ୱରଙ୍କ ଠାରୁ ଦୂରେଇ ଦେବା ପାଇଁ ହୀନ ପ୍ରୟାସ କରୁଛି । ବେଳେବେଳେ ଏହିଭଳି ପ୍ରତିକୂଳ ପରିସ୍ଥିତିରେ ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ମନ ମସ୍ତିଷ୍କରେ ମଧ୍ୟ ଏହି ପ୍ରକାରର ଶୈତାନୀ ଚିନ୍ତାଧାରା କୁପ୍ରଭାବ ପକାଇଥାଏ, ମନରେ ଶଙ୍କା ମଧ୍ୟ ଉତ୍ପନ୍ନ ହୋଇଥାଏ କିମ୍ବା ସାଂସାରିକ ଓ ଧର୍ମ ବିରୋଧୀ କାର୍ଯ୍ୟକଳାପ କରୁଥିବା ବ୍ୟକ୍ତିମାନଙ୍କର କଥା ସେମାନଙ୍କୁ ଧର୍ମ ସଂକ୍ରାନ୍ତରେ, ଈଶ୍ୱରଙ୍କ ସଂପର୍କରେ, ଉପାସନା ସଂପର୍କରେ ମନ ଭିତରେ ଅଶାନ୍ତି ସୃଷ୍ଟି କରିବା ଆରମ୍ଭ କରି ଦେଇଥାଏ । ସ୍ୱଳ୍ପ ଜ୍ଞାନ ଥିବା ଲୋକମାନେ ଭ୍ରମର ଶିକାର ହୋଇଯାଇଥାନ୍ତି । ଯଦି କେବେ କୌଣସି ସାଧାରଣ ପରୀକ୍ଷା ଦେଇ ସେମାନେ ଅତିକ୍ରମ କରନ୍ତି କିମ୍ବା ନିଜର କାର୍ଯ୍ୟରେ ଅକୃତକାର୍ଯ୍ୟ ହୁଅନ୍ତି ତେବେ ଦୁର୍ବଳ ବିଶ୍ୱାସୀ ଲୋକମାନେ ଓ ସ୍ୱଳ୍ପ ଜ୍ଞାର ଅଧିକାରୀ ବ୍ୟକ୍ତିମାନଙ୍କ ମନରେ ତୁରନ୍ତ ଏହି ବିଚାର ଆସିଥାଏ ଯେ, ଧର୍ମ ଏକ ଭ୍ରମ ଅଟେ । ଯାହା ଉପରେ ଆମେମାନେ ଦଣ୍ଡାୟମାନ ଅଛେ କିନ୍ତୁ ଧର୍ମର କୌଣସି ବାସ୍ତବତା ନାହିଁ କିମ୍ବା ଅଲ୍ଲାଃତାଲାଙ୍କ ସତ୍ତା ଏପରି ନୁହେଁ ଯେ, ସେ ଦୟାବତୀର୍ଣ୍ଣ କରି ଆମମାନଙ୍କର ପ୍ରାର୍ଥନରୁ ସ୍ୱୀକାର କରିବେ ଅଥବା ଈଶ୍ୱର ଆମମାନଙ୍କ ଉପରେ ଅନ୍ୟାୟ ଅତ୍ୟାଚାର କରୁଛନ୍ତି ବୋଲି ଆମେମାନେ ଏହିଭଳି ଦୁଃସ୍ଥ ପରିସ୍ତିତି ଦେଇ ଗତି କରୁଛେ । ଦୁଆ କରିବା ସତ୍ତ୍ୱେ ମଧ୍ୟ ଆମମାନଙ୍କର ସମସ୍ୟା ଦୂର ହେଉ ନାହିଁ । ସୁତରାଂ ଏହି ପ୍ରକାରର ଅନେକ ପ୍ରଶ୍ନ କେତେକ ଲୋକଙ୍କ ମନ ମସ୍ତିଷ୍କରେ ସୃଷ୍ଟି ହୋଇଥାଏ । ବିଶେଷ କରି ସେହି ଲୋକମାନଙ୍କର ମସ୍ତିଷ୍କରେ ଯେଉଁମାନଙ୍କ ଦୃଷ୍ଟିରେ କେବଳ ସାଂସାରିକ ବସ୍ତୁ ରହିଛି । କେତେକ ଲୋକମାନେ ମୋତେ ପତ୍ର ଲେଖନ୍ତି ଅବା ନିଜର ଅବସ୍ଥା ସଂପର୍କରେ ଜଣାଇ ମୋତେ ପ୍ରଶ୍ନ କରିଥାନ୍ତି। ତହିଁରୁ ଏହା ପ୍ରତିତ ହୁଏ ଯେ, ସେମାନଙ୍କ ହୃଦୟରେ ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ସଂପର୍କରେ ଯେଉଁ ବିଶ୍ୱାସ ରହିବା କଥା ତାହା ଆଦୌ ନାହିଁ । ସେମାନେ ଯେଉଁ ପରିବେଶରେ ବାସ କରୁଛନ୍ତି ସେହି ବିଷାକ୍ତମୟ ପରିବେଶରେ ରହିବା ଫଳରେ ସେମାନଙ୍କ ଉପରେ ଯଦି ଟିକିଏ ବି କୌଣସି ବିପତ୍ତି ଆସିଲା ତେବେ ସେମାନେ ନକାରାତ୍ମକ ଚିନ୍ତାଧାରା ସେମାନଙ୍କ ମନରେ ଉଦ୍ରେକ ହେବାକୁ ଲାଗିଥାଏ ଅବା ମନରେ ସନ୍ଦେହ ଓ ସଂଶୟ ଜାତ ହୋଇଥାଏ । କିନ୍ତୁ ସେମାନଙ୍କ ପକ୍ଷେ ଏହା

ଉଚିତ ଥିଲା କି ସେମାନେ ନିଜ ଅବସ୍ଥା ସଂପର୍କରେ ପ୍ରଥମେ ବିଚାର କରନ୍ତୁ । ତା'ପରେ ଦେଖନ୍ତୁ ଯେ, ଆମେମାନେ କେଉଁ ପର୍ଯ୍ୟନ୍ତ ଅଲ୍ଲାଃତାଲାଙ୍କର କର୍ତ୍ତବ୍ୟ ସମ୍ପାଦନ କରିବା ପ୍ରତି ଉଦ୍ୟମ କରିଛେ ? ଆମେମାନେ କେଉଁ ପର୍ଯ୍ୟନ୍ତ ନିଜର ଉପାସନାକୁ ଶୃଙ୍ଖଳିତ ଓ ସଜ୍ଜିତ କରିବା ପାଇଁ ଉଦ୍ୟମ କରୁଛୁ ? କେଉଁ ପର୍ଯ୍ୟନ୍ତ ଆମେମାନେ ନିଜର ପ୍ରାର୍ଥନାର ସ୍ତରକୁ ଉନ୍ନୀତ କରିବା ନିମନ୍ତେ ଉଦ୍ୟମ କରିଛୁ? ସୁତରାଂ ଆଜି ମୁଁ ଦୁଆ ପ୍ରସଙ୍ଗରେ ହ. ମସିହ୍ ମଉଦ୍ ଅ.ସଙ୍କ ଆଲେଖ୍ୟ ଅନୁଯାୟୀ କେତେକ ପ୍ରସଙ୍ଗ ଉପରେ ଆଲୋକପାତ କରିବି ।

ହୁଜୁର ଅ.ସଙ୍କ ଲେଖନୀ ଓ ଆଲେଖ୍ୟ ମଧ୍ୟରେ ଦୁଆର ବାସ୍ତବତା, ନିୟମାବଳୀ, ଆମମାନଙ୍କର ଦାୟିତ୍ୱ, ଦୁଆର ଆବଶ୍ୟକତା, ପ୍ରାସଙ୍ଗିକତା ଏବଂ ଅଲ୍ଲାଃତାଲାଙ୍କ ଉପରେ ଥିବା ବିଶ୍ୱାସ ସଂକ୍ରାନ୍ତରେ ଅନେକ ବ୍ୟାଖ୍ୟା ମହଜୁଦ୍ ରହିଛି । ସେ ଯାହା ହେଉ ନା କାହିଁକି ମୁଁ କେତେକ କଥା ଓ ଆଲେଖ୍ୟ ବର୍ଣ୍ଣନା କରିବି ଯହିଁରୁ ଦୁଆର ବାସ୍ତବତା, ଦୁଆ କରିବାର ପ୍ରବିଧି, ଆମମାନଙ୍କର ଦାୟିତ୍ୱାବଳୀ , ଦୁଆର ପ୍ରାସଙ୍ଗିକତା ଓ ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ସଂପର୍କରେ କିଛିଟା ସ୍ୱଷ୍ଟୀକରଣ ହୋଇଯାଇଥାଏ ତାହା ନୁହେଁ ବରଂ ନିଃସନ୍ଦେହ ରୂପେ ସ୍ୱଷ୍ଟୀକରଣ ଓ ସମ୍ୟକ ଜ୍ଞାନ ପ୍ରାପ୍ତ ହୋଇଥାଏ ।

ସୁତରାଂ ତତ୍‌ସଂକ୍ରାନ୍ତରେ ଉତ୍ତମ ପରିସ୍ଥିତିରେ ମଧ୍ୟ ଆମମାନଙ୍କୁ ଅଲ୍ଲାଃତାଲାଙ୍କ ଉପାସନା ଓ ଦୁଆ ପ୍ରତି ଧ୍ୟାନ କେନ୍ଦ୍ରିତ କରିବାକୁ ପଡ଼ିବ । କାରଣ ଜଟିଳ ପରିସ୍ଥିତିରେ ମଧ୍ୟ ଆମମାନଙ୍କର ଦୁଆ ଯେପରି ଗ୍ରହଣୀୟ ହେବ। ସୁତରାଂ ହ. ମସିହ୍ ମଉଦ୍ ଅ.ସ କହୁନ୍ତି, "ଅଲ୍ଲାଃତାଲା ସେହି ବ୍ୟକ୍ତି ଉପରେ ନିଜର ଦୟାବତୀର୍ଣ୍ଣ କରନ୍ତି ଯିଏ ଶାନ୍ତିପୂର୍ଣ୍ଣ ଅବସ୍ଥାରେ ମଧ୍ୟ ଅଲ୍ଲାଃତାଲାଙ୍କୁ ସେହିଭଳି ଭୟ ପ୍ରଦର୍ଶନ କରିଥାଏ ଯେଉଁଭଳି କୌଣସି ବିପତ୍ତିର ସମ୍ମୁଖୀନ ହେଲେ ସେ ଅଲ୍ଲାଃତାଲାଙ୍କୁ ଭୟ କରେ । ସୁତରାଂ ଯେଉଁ ବ୍ୟକ୍ତି ଶାନ୍ତିପୂର୍ଣ୍ଣ ସମୟରେ ଅଲ୍ଲାଃତାଲାଙ୍କୁ ପାସୋରି (ଭୁଲିଯାଏ) ଦିଏ ନାହିଁ ଅଲ୍ଲାଃତାଲା ମଧ୍ୟ ତା'କୁ ବିପତ୍ତି ସମୟରେ ମଧ୍ୟ ଭୁଲନ୍ତି ନାହିଁ । ସେହିପରି ଯେଉଁ ବ୍ୟକ୍ତି ଶାନ୍ତିପୂର୍ଣ୍ଣ ଅବସ୍ଥାରେ ନିଜର ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟ ତଥା ଭୋଗ ବିଳାସକୁ ଉପଭୋଗ କରି ନିଜର ଜୀବନକୁ ବିଳାସପୂର୍ଣ୍ଣ ଭାବରେ ଅତିବାହିତ କରିଥାଏ ଓ ବିପତ୍ତି ସମୟରେ ଅଲ୍ଲାଃତାଲାଙ୍କ ନିକଟରେ ଦୁଆ (ପ୍ରାର୍ଥନା) କରିଥାଏ ତେବେ ସେପରିପ୍ରେକ୍ଷୀରେ ସେହି ବ୍ୟକ୍ତିର ଦୁଆ କଦାପି ଗ୍ରହଣୀୟ ହୋଇ ନଥାଏ । ଅତଃ ବିପତ୍ତି ଅବତୀର୍ଣ୍ଣ ହେବା ସମୟରେ ତା' ପାଇଁ କ୍ଷମା ପ୍ରାର୍ଥନାର ଦ୍ୱାର ବନ୍ଦ ହୋଇଯାଇଥାଏ ।"

ଯେତେବେଳେ ପ୍ରଭୁଙ୍କର ଶାସ୍ତି ଅବତୀର୍ଣ୍ଣ ହୋଇଥାଏ ସେତେବେଳେ କ୍ଷମା ଯାଚନାର ଦ୍ୱାର ବନ୍ଦ ହୋଇଯାଇଥାଏ । ଅତଃ ସେହି ବ୍ୟକ୍ତି କେଡ଼େ ଭାଗ୍ୟଶାଳୀ ଯିଏ ପ୍ରଭୁଙ୍କର ଶାସ୍ତି ଓ କୋପ ଅବତୀର୍ଣ୍ଣ ହେବା ପୂର୍ବରୁ ଦୁଆ କରିବାରେ ନିମଜ୍ଜିତ ରହିଥାଏ, ଦାନ ଦକ୍ଷିଣା କରିଥାଏ, ପ୍ରଭୁଙ୍କ ଆଦେଶାବଳୀକୁ ସମ୍ମାନ ଜଣାଇଥାଏ ଓ ଅଲ୍ଲାଃତାଲାଙ୍କ ପ୍ରାଣୀମାନଙ୍କ ଉପରେ ଦୟା ପ୍ରଦର୍ଶନ କରିଥାଏ। ନିଜର କର୍ମକୁ ଶୃଙ୍ଖଳିତ ସୁସଂହତ କରିଥାଏ । ବାସ୍ତବିକ୍ ଏହା ହିଁ ଭାଗ୍ୟଶାଳୀ ହେବାର ନିଦର୍ଶନ ଅଟେ । ଆପଣ ଅ.ସ କହିଲେ, "ବୃକ୍ଷ ଯେପରି ଫଳ ଦ୍ୱାରା ଚିହ୍ନିତ ହୋଇଥାଏ ଠିକ୍ ସେହିପରି ପୁଣ୍ୟବାନ ସଦାଚାରୀ ବ୍ୟକ୍ତି ଓ ନିର୍ଦ୍ଦୟୀ କ୍ରୁର ବ୍ୟକ୍ତି ମଧ୍ୟରେ ସହଜରେ ପାର୍ଥକ୍ୟ ଜଣା ପଡ଼ିଯାଇଥାଏ ।" **(ମଲଫୁଜାତ୍, ଭାଗ-4, ପୃ-229-230, ପ୍ରକାଶନ ବର୍ଷ 1984 ମସିହା)**

ସୁତରାଂ ଏକ ପ୍ରକୃତ ବିଶ୍ୱାସକାରୀର ଏହି କର୍ତ୍ତବ୍ୟ ରହିଛି ଯେ, ସେ ନିଜର ଉତ୍ତମ ପରିସ୍ଥିତିରେ ଭଗବାନଙ୍କ ଅଧିକାର ଓ ତାହାଙ୍କ ପ୍ରାଣୀମାନଙ୍କର ଅଧିକାରକୁ କେବେ ବି ନପାସୋରି ଦେଉ । ସୁତରାଂ ଯଦି ପ୍ରକୃତ ବିଶ୍ୱାସାକାରୀ ଭକ୍ତ ଓ ଭଗବାନଙ୍କ ଅଧିକାରକୁ ସମ୍ପାଦନ କରୁଅଛି ତେବେ ଅଲ୍ଲାଃତାଲା ସ୍ୱୟଂ ତାହାକୁ ସମସ୍ୟାରୁ ମଧ୍ୟ ଉଦ୍ଧାର କରିଥାନ୍ତି ଓ ତା'ର ଦୁଆ (ପ୍ରାର୍ଥନା)କୁ ସ୍ୱୀକାର ମଧ୍ୟ କରନ୍ତି । ସୁତରାଂ ଏହା ହେଉଛି କେନ୍ଦ୍ର ବିନ୍ଦୁ ଯାହାକୁ ଆମେମାନେ କେବେ ବି ନଭୁଲି ଓ ନିଜର ଉପାସାନାରେ ଆଳସ୍ୟପରାୟଣ ହେବା ଅନୁଚିତ ଅଟେ । ସାଂସାରିକ ଜଞ୍ଜାଳ ଓ ମୋହମାୟା ଆମମାନଙ୍କୁ ଅଲ୍ଲାଃତାଲାଙ୍କ କର୍ତ୍ତବ୍ୟ ସମ୍ପାଦନ କରିବାରୁ ବଞ୍ଚିତ ନକରିଦେଉ ।

ପୁନଶ୍ଚ ଉକ୍ତ କଥାର ସ୍ୱଷ୍ଟୀକାରଣ ପ୍ରଦାନ କରି ଅର୍ଥାତ ଅଲ୍ଲାଃତାଲାଙ୍କ ନିକଟରେ ଦୁଆ କରିବା ସମୟରେ ଓ ଅଲ୍ଲାଃତାଲାଙ୍କୁ ମାଗିବା ସମୟରେ ଭକ୍ତର ଅବସ୍ଥା କିପରି ହେବା ଉଚିତ୍ ଓ ଏହାର କ'ଣ ସବୁ ଶିଷ୍ଟାଚାର ଓ ନିୟମବିଧି ରହିଛି ? ଏହି ନିୟମବିଧି ସ୍ୱୟଂ ଅଲ୍ଲାଃତାଲା ଆମମାନଙ୍କୁ କିପରି ଶିଖାଇଛନ୍ତି ତତ୍‌ସଂପର୍କରେ ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ଦୁଆ କରିବା ସମୟରେ ମନୁଷ୍ୟର କେଉଁଭଳି ଅବସ୍ଥା ରହିବା ଉଚିତ ଏବଂ ଦୁଆ କରିବାର କ'ଣ ସବୁ ନିୟମବିଧି ରହିଛି ତତ୍‌ସଂକ୍ରାନ୍ତରେ ହ. ମସିହ୍ ମଉଦ୍ ଅ.ସ କହୁନ୍ତି, ପ୍ରଭୁଙ୍କୁ ମାଗିବା ପାଇଁ ଶିଷ୍ଟତା, ସଭ୍ୟତାମୂଳକ ଆଚରଣ ତଥା ନିମୟବିଧି ଏକାନ୍ତ ଅପରିହାର୍ଯ୍ୟ । ବୁଦ୍ଧିମାନ ବ୍ୟକ୍ତି ଯେତେବେଳେ ସମ୍ରାଟଙ୍କୁ କୌଣସି ବସ୍ତୁ ଭିକ୍ଷା କରନ୍ତି ସେତେବେଳେ ସେମାନେ ଶିଷ୍ଟତା, ଶାଳୀନତା ଏବଂ ବିନମ୍ରତାକୁ ସର୍ବଦା ମନେରଖି ଥାଆନ୍ତି । ଏଣୁ ସୁରାଃ ଫାତିହାରେ ଅଲ୍ଲାଃତାଲା ଏହି ଶିକ୍ଷା ପ୍ରଦାନ କରିଛନ୍ତି ଯେ, ପ୍ରଭୁଙ୍କ ନିକଟରେ କିପରି ଗୁହାରି ହୋଇ ଭିକ୍ଷାର୍ଜନ କରିବା ଉଚିତ୍ । ଅତଃ ଅଲ୍ଲାଃତାଲା କହିଲେ ଯେ, **ଅଲହମ୍‌ଦୁ ଲିଲ୍ଲାଃହି ରବ୍‌ବିଲ୍ ଆଲମିନ୍** । ଅର୍ଥାତ ସକଳ ପ୍ରଶଂସା ଅଲ୍ଲାଃତାଲାଙ୍କ ପାଇଁ ଉଦ୍ଦିଷ୍ଟ ଯେ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ପାଳନକର୍ତ୍ତା ଅଟନ୍ତି । ସେ **ଅର୍ ରହେମାନ୍** ଅର୍ଥାତ ଅଶେଷ ଦୟାବାନ । ଅର୍ଥାତ ତାହାଙ୍କୁ କିଛି ନମାଗି ମଧ୍ୟ ସେ ଆମକୁ ଅନେକ କିଛି ପ୍ରଦାନ କରିଛନ୍ତି । **ଅର୍ ରହିମ୍** ଅର୍ଥାତ ସଦା କରୁଣାମୟ । କହିବାର ତାତ୍ପର୍ଯ୍ୟ ଏହିକିଯେ, ପ୍ରକୃତ ପରିଶ୍ରମ କରିବା ଦ୍ୱାରା ଅଲ୍ଲାଃତାଲା ଶ୍ରମର ସଠିକ୍ ମୂଲ୍ୟ ତଥା ଉତ୍ତମ ଫଳ ପ୍ରଦାନ କରିଥାଆନ୍ତି । **'ପ୍ରକୃତ ପରିଶ୍ରମ'** ଶବ୍ଦ ଏକ ବିଚାରଯୋଗ୍ୟ ଶବ୍ଦ ଅଟେ । ପ୍ରକୃତ ଶ୍ରମର ସ୍ତର ସଂକ୍ରାନ୍ତରେ ଅଲ୍ଲାଃତାଲା ପବିତ୍ର କୁରଆନ୍‌ରେ ସ୍ୱୟଂ ବର୍ଣ୍ଣନା କରିଛନ୍ତି ଏବଂ ତାହା ହେଲା, **ଜିହାଦ୍** (କଠିନ ପରିଶ୍ରମ) କରିବାକୁ ପଡ଼ିଥାଏ । ପୁନଶ୍ଚ ଅଲ୍ଲାଃତାଲା କୁହନ୍ତି, **ମାଲିକି ୟୌମିଦ୍ଦୀନ୍** ଅର୍ଥାତ ବିଚାର ଦିବସର ଓ ଇହଜଗତର ପ୍ରଭୁ । ସୁତରାଂ ମନୁଷ୍ୟ ଯେତେବେଳେ ଏହି ପ୍ରକାରର ପ୍ରଶଂସା କରିଥାଏ ସତେବେଳେ ତା' ମନରେ ଏହି ଚିନ୍ତାଧାରା ଉତ୍ପନ୍ନ ହୁଏ ଯେ, ତା'ର ପାଳନକର୍ତ୍ତା କେତେ ବଡ଼ ଓ କେଡ଼େ ମହାନ୍ ଅଟନ୍ତି । ଭକ୍ତ ଯେତେବେଳେ ଅଲ୍ଲାଃତାଲାଙ୍କୁ ସର୍ବତ୍ର ବିଦ୍ୟମାନ ବୋଲି ବିଚାର କରି **ଇୟାକା ନାବୁଦୁ ୱଇୟାକା ନସ୍ତଇନ୍**ର ଆବୃତ୍ତି କରେ ଅର୍ଥାତ ହେ ଅଲ୍ଲାଃ ! ଆମେମାନେ ତୁମର ହିଁ ଉପାସନା କରୁଅଛୁ ଓ ତୁମଠାରୁ ହିଁ ସାହାଯ୍ୟ ଭିକ୍ଷା କରୁଅଛୁ । **ଇହ୍‌ଦିନସ୍ ସିରାତଲ୍ ମୁସ୍ତକିମ୍- ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲେହିମ୍** ଅର୍ଥାତ ତୁମ୍ଭେ ଆମକୁ ସତ୍‌ମାର୍ଗରେ ପରିଚାଳିତ କରାଅ । ସେହି ବ୍ୟକ୍ତିମାନଙ୍କ ମାର୍ଗରେ, ଯେଉଁମାନଙ୍କୁ ତୁମ୍ଭେ ପୁରସ୍କୃତ କରିଅଛ । **ଗୈରିଲ୍ ମଗ୍‌ଜୁବି ଅଲେହିମ୍ ୱଲଜ୍ଜାଲ୍ଲିନ୍** । ଯେଉଁମାନଙ୍କ ଉପରେ (ପରେ ତୁମ୍ଭର) ପ୍ରକୋପ ଅବତୀର୍ଣ୍ଣ, ହୋଇ ନାହିଁ କି ପରବର୍ତ୍ତୀ ସମୟରେ ସେମାନେ ମାର୍ଗଭ୍ରଷ୍ଟ ହୋଇ ନାହାନ୍ତି । ହୁଜୁର ଅ.ସ କହିଲେ, **ଇହ୍‌ଦିନସ୍ ସିରାତଲ୍ ମୁସ୍ତକିମ୍**ର ସକଳ ପ୍ରଶଂସା ଏବଂ ସକଳ ଧର୍ମର ମାର୍ଗ ଯଥାର୍ଥ ଅଟେ । ଉଦାହରଣ ସ୍ୱରୂପ ଜଣେ ବୈଦ୍ୟ ଯେତେବେଳେ କୌଣସି ବ୍ୟକ୍ତିର ଚକିତ୍ସା ତଥା ଉପଚାର କରିଥାଏ ସେତେବେଳେ ଯଦି ତା'କୁ **ସିରାତେ ମୁସ୍ତକିମ୍** ହସ୍ତଗତ ହୋଇ ନାହିଁ ତେବେ ଚିକିତ୍ସା କରିବା ତା' ପକ୍ଷେ ଅସମ୍ଭବ ଅଟେ । ଠିକ୍ ସେହିପରି ସମସ୍ତ ଓକିଲ ଓ ପ୍ରତ୍ୟେକ ପ୍ରକାରର ବ୍ୟବସାୟ ବୃତ୍ତି ବିଦ୍ୟାର ଏକ **ସିରାତେ ମୁସ୍ତକିମ୍ (**ଅର୍ଥତା ସଳଖ ମାର୍ଗ) ଅଟେ । ଯେତେବେଳେ ବ୍ୟକ୍ତିକୁ ସେହି ବିଦ୍ୟା ପ୍ରାପ୍ତ ହୋଇଯାଏ ସେତେବେଳେ ତା'ର ପ୍ରତ୍ୟେକ କାର୍ଯ୍ୟ ସହଜସାଧ୍ୟ ହୋଇଯାଇଥାଏ । ଅତଃ ସାଂସାରିକ କାର୍ଯ୍ୟରେ ମଧ୍ୟ **ସିରାତେ ମୁସ୍ତକିମ୍**ର ସନ୍ଧାନ କରିବା ଉଚିତ । ତାହା ସେହି ପରିସ୍ଥିତିରେ ସମ୍ଭବପର ହୋଇଥାଏ ଯେତେବେଳେ ଅଲ୍ଲାଃତାଲାଙ୍କ ସହିତ ତୁମର ସଂପର୍କ ଥିବ ।

ହ. ମସିହ୍ ମଉଦ୍ ଅ.ସ ସଭାରେ ବସି ଏହି ପ୍ରସଙ୍ଗ ଆଲୋଚନା କରୁଥିଲେ କି ସେଠାରେ ଜଣେ ବ୍ୟକ୍ତି ଆସି ଏହି ଆପତ୍ତି କଲା ଯେ, ନବୀମାନଙ୍କୁ ଏହି ଦୁଆର କାହିଁକି ଆବଶ୍ୟକତା ପଡ଼ିଲା ? ଏହା ତ' ସାଧାରଣ ବ୍ୟକ୍ତିଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିଲା । ନବୀ କରୀମ୍ ସ.ଅ କାହିଁକି ଦୁଆ କରୁଥିଲେ ? ସେ ତ' ପୂର୍ବରୁ ହିଁ **ସିରାତେ ମୁସ୍ତକିମ୍**ରେ ଅଗ୍ରସର ଥିଲେ ?

ହ. ମସିହ୍ ମଉଦ୍ ଅ.ସ ଉକ୍ତ ବ୍ୟକ୍ତିକୁ ଏହି ଉତ୍ତର ପ୍ରଦାନ କଲେ ଯେ, ନବୀମାନେ ଓ ଆଁହଜରତ ସ.ଅ ଏହି ଦୁଆ ଉନ୍ନତି ଓ ସ୍ତର ନିମନ୍ତେ କରୁଥିଲେ।


**ଅଲ୍ଲାଃତାଲାଙ୍କ ବାଣୀ**

"ଓମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan ,
Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍ବୁନ୍ ।"

(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family,
Jamat Ahmadiya Kerang (Odisha)

ଇହଦିନସ୍ ସିରାତଲ୍ ମୁସ୍ତକିମ୍ ତ' ଶେଷ ଦିବସରେ ବିଶ୍ୱାସକାରୀମାନେ ମଧ୍ଯ ଭିକ୍ଷା କରିବେ । କାରଣ ଯେପରି ଅଲ୍ଲାଃତାଲାଙ୍କର କୌଣସି ଆକାର ନାହି ସେ ନିରାକାର ଏବଂ ତାହାଙ୍କର କୌଣସି ସୀମା ନାହିଁ ସେ ଅସୀମ । ଠିକ୍ ସେହିପରି ତାହାଙ୍କ ସ୍ତର ଓ ଶ୍ରେଣୀର ମଧ୍ଯ କୌଣସି ସୀମା ନାହିଁ । ଠିକ୍ ସେହିପରି ତାହାଙ୍କ ସ୍ତର ଓ ମର୍ଯ୍ୟାଦାଜନକ ଉନ୍ନତିର ମଧ୍ଯ କୌଣସି ସୀମା ନାହିଁ । **(ମଲଫୁଜାତରୁ ଆନୀତ, ଭାଗ-4, ପୃ-399-400, ପ୍ରକାଶନ ବର୍ଷ-1984 ମସିହା)**

ପୁନଶ୍ଚ ଦୁଆ ଓ ତା'ର ନିୟମବିଧି, ଶିଷ୍ଟାଚାର ଅତିରିକ୍ତ ବ୍ୟାଖ୍ୟା କରି ଆପଣ୍[ଅ.ସ] କୁହନ୍ତି, "ଦୁଆ ଅତ୍ୟନ୍ତ ବୈଚିତ୍ରମୟ ବସ୍ତୁ ଅଟେ । କିନ୍ତୁ ବଡ଼ ଦୁଃଖ ଓ ପରିତାପର ବିଷୟ ଯେ, ଦୁଆ ଗ୍ରହଣୀୟ ହେବାର ଯେଉଁସବୁ ନିୟମାବଳୀ ଓ ସର୍ତ୍ତାବଳୀଗୁଡ଼ିକ ରହିଛି ସେହି ନିୟମାବଳୀ ସହିତ ଦୁଆକାରୀ ସଠିକ୍ ରୂପେ ଅବଗତ ନଥାଏ। ବାସ୍ତବ ରୂପେ କହିବାକୁ ଗଲେ ଦୁଆର ବାସ୍ତବତାକୁ ଲୋକମାନେ ସଂପୂର୍ଣ୍ଣ ରୂପେ ପାସୋରି ବସିଛନ୍ତି । ଏପରି କେତେକ ଲୋକ ଅଛନ୍ତି ଯେଉଁମାନେ ଦୁଆରୁ ସଂପୂର୍ଣ୍ଣ ରୂପେ ଅବଗତ ନୁହନ୍ତି ସେମାନେ ଦୁଆ କରିବାକୁ ଅସ୍ୱୀକାର ଓ କୁଣ୍ଠାବୋଧ ମନେ କରନ୍ତି । ସେହିପରି ଯେଉଁମାନେ ଦୁଆର ପ୍ରତ୍ୟାଖ୍ୟାନ ତ' କରୁ ନାହାନ୍ତି କିନ୍ତୁ ସେମାନଙ୍କର ଅବସ୍ଥା ଏତେ ଶୋଚନୀୟ ହୋଇଯାଇଛି ଯେ, ସେମାନେ ଦୁଆର ନିୟମବିଧି ଓ ଶିଷ୍ଟାଚାର ପ୍ରତି ଅବଗତ ହେବା ସତ୍ତ୍ୱେ ମଧ୍ଯ ସେମାନଙ୍କର ଦୁଆ ଗ୍ରହଣୀୟ ହୋଇପାରୁ ନାହିଁ । କାରଣ ଦୁଆର ପ୍ରକୃତ ଅର୍ଥ ଦୁଆ ନୁହେଁ । ଅର୍ଥାତ ଦୁଆର ପ୍ରକୃତ ଯେଉଁ ଅର୍ଥ ରହିଛି ଯେ, ଏହିପରି ଦୁଆ କରିବା ଉଚିତ୍ କିନ୍ତୁ ସେହିପରି ଦୁଆ କରାଯାଉ ନାହିଁ ତେଣୁ ଦୁଆ ସ୍ୱୀକୃତ ହେଉ ନାହିଁ । ସୁତରାଂ ଦୁଆର ପ୍ରତ୍ୟାଖ୍ୟାନକାରୀ ବ୍ୟକ୍ତିମାନଙ୍କର ଅବସ୍ଥା ଅତ୍ୟନ୍ତ ଦୟନୀୟ ଓ ଶୋଚନୀୟ ଅଟେ । ଏହିପରି ଲୋକମାନଙ୍କର ବ୍ୟବହାରିକ ଅବସ୍ଥା ଅନ୍ୟମାନଙ୍କୁ ନାସ୍ତିକବାଦୀଙ୍କ ନିକଟବର୍ତ୍ତୀ କରାଇ ଦେଇଥାଏ ।"

**(ମଲ୍ଫୁଜାତ୍ ଭାଗ-4, ପୃ-418, ପ୍ରକାଶନ ବର୍ଷ 1984 ମସିହା)**

ସୁତରାଂ ଦୁଆକାରୀକୁ ନିଜର ଆତ୍ମ ସମୀକ୍ଷା ମାଧ୍ୟମରେ ସ୍ୱୟଂ ଜ୍ଞାତ ହୋଇଯିବ ଯେ, ସେ ଏହି ସ୍ତରକୁ ପ୍ରାପ୍ତ କରିଛି ଅବା ନୁହେଁ ? ଅଲ୍ଲାଃତାଲାଙ୍କ ସଂକ୍ରାନ୍ତରେ ଆପଣ[ଅ.ସ] ଫାର୍ସି ପଦୋକ୍ତିର ଉଦାହରଣ ଦେଇ କୁହନ୍ତି: "ପୈଦା ଅସ୍ତ୍ ନଦାରଦ୍ କେ ବୁଲନ୍ଦ ଅସ୍ତ୍ ଜନାବତ୍" ଅର୍ଥାତ ଭକ୍ତର ଡାକରୁ ସ୍ପଷ୍ଟ ଯେ, ତୁମ୍ଭର ଦରବାର ଅତ୍ୟନ୍ତ ଉଚ୍ଚରେ ରହିଛି (ଅର୍ଥାତ ମହାନ) ।

ଆପଣ[ଅ.ସ] କହିଲେ, "ଦୀର୍ଘ ସମୟ ପର୍ଯ୍ୟନ୍ତ ମୁନଷ୍ୟକୁ ଦୁଆରେ ଲାଗି ରହିବାକୁ ପଡ଼ିଥାଏ । ପରିଶେଷରେ ଅଲ୍ଲାଃତାଲା ଏହା ପ୍ରକାଶ୍ୟ କରି ଦେଇଥାଅନ୍ତି। ମୁଁ ନିଜର ଅଭିଜ୍ଞତା ବଳରେ ଅବଲୋକନ କରିଛି ଓ ବିଗତ ସତ୍ୟବାଦୀଙ୍କର ଅଭିଜ୍ଞତା ମଧ୍ଯ ଏହାର ସାକ୍ଷ୍ୟ ପ୍ରଦାନ କରିଦେଇଥାଏ ଯେ, ଯଦି କୌଣସି ପ୍ରସଙ୍ଗରେ ଦୀର୍ଘ ସମୟ ପର୍ଯ୍ୟନ୍ତ ନୀରବତା ରକ୍ଷା କରାଯାଏ ତେବେ ସଫଳତାର ଆଶା ରହିଥାଏ।"ଏହା ଆଶା କରାଯାଏ ଯେ, ପ୍ରାର୍ଥନାର ଅତିରିକ୍ତ ଅବସର ପ୍ରାପ୍ତ ହେଉଅଛି ମୋତେ ତେବେ ଅଲ୍ଲାଃତାଲା ଅବଶ୍ୟ ମୋତେ କୃତକାର୍ଯ୍ୟ କରିବେ। କିନ୍ତୁ କେତେକ ପ୍ରସଙ୍ଗରେ ଶୀଘ୍ର ଉତ୍ତର ମିଳି ଯାଇଥାଏ । ଯଦି ଉତ୍ତର ହଁ' ରେ ନମିଳି ନା' ରେ ମିଳିଲା ତେବେ ସେହି କାର୍ଯ୍ୟ ଆଉ ସିଦ୍ଧି ଲାଭ ହୁଏ ନାହିଁ। ଆପଣ[ଅ.ସ] କୁହନ୍ତି, ସାଧାରଣ ଭାବରେ ଆମେମାନେ ସଂସାରରେ ଏହା ଦେଖୁ ଯେ, ଜଣେ ଭିକ୍ଷୁକ (ଭିକାରୀ) କାହା ଦୁଆରେ ଯାଇ ଭିକ୍ଷା ମାଗେ ଏବଂ ଅତ୍ୟନ୍ତ ବିନୀତ, ଅଧୀରତାର ସହିତ ଓ କାକୁତି ମିନତି ହୋଇ ଭିକ୍ଷା ମାଗେ ଏବଂ କିଛି କ୍ଷଣ ପର୍ଯ୍ୟନ୍ତ ଗାଳି ଗୁଲଚ ଶୁଣି ମଧ୍ଯ ନିଜ ସ୍ଥାନରୁ ହଟେ ନାହିଁ, ଘରର ମାଲିକ ତା'କୁ ଅପଶବ୍ଦ, ଗାଳି ଗୁଲଚ ଆଦି କରେ । କିନ୍ତୁ ସେ ସ୍ଥାନରୁ ସେ ଆନ୍ଦୋଳିତ ହୁଏ ନାହିଁ ଏବଂ ବ୍ୟକ୍ତିକୁ ଭିକ୍ଷା ମାଗିଚାଲେ । ପରିଶେଷରେ ଭିକ୍ଷାଦାତା ମଧ୍ଯ ଲଜ୍ଜିତ ହୋଇ ଯାଇଥାଏ । ସେ ଯେତେ କୃପଣ ବ୍ୟକ୍ତି ହୋଇଥାଉ ନା କାହିଁକି ଭିକ୍ଷୁକକୁ କିଛି ନା କିଛି ଦେଇ ଦେଇଥାଏ । ତେବେ ଦୁଆକାରୀ ବ୍ୟକ୍ତି ଜଣେ ସାଧାରଣ ଭିକ୍ଷୁକ ପରି ଅବିଚଳତା ପ୍ରଦର୍ଶନ କରିପାରିବ ନାହିଁ କି ? କ'ଣ ସେ ଭିକାରୀ ଠାରୁ ବି ହୀନ ? ଅଲ୍ଲାଃତାଲା ଯେକି ଅସୀମ ଦୟାଳୁ ଓ ଲଜ୍ଜାକୁ ପସନ୍ଦ କରନ୍ତି ସେ ଯେତେବେଳେ ଏହା ଅବଲୋକନ କରନ୍ତି ଯେ, ତାହାଙ୍କ ବିନୀତ ଭକ୍ତ ଦୀର୍ଘ ସମୟ ଧରି ତାହାଙ୍କ ଆସ୍ଥାନ ଆଗରେ ପଡ଼ି ରହିଛି ତେବେ ସେ ସ୍ଥିତିରେ ତା'ର ପରିଣତି ଦୁର୍ଗତି ତଥା କୁପରିଣତି ହୁଏ ନାହିଁ । ଅର୍ଥାତ ତା'ର ପରିଣତି ମନ୍ଦ ହୁଏ ନାହିଁ ।

ଯେପରି ଏକ ଗର୍ଭବତୀ ମହିଳା ଚାରି ପାଞ୍ଚ ମାସ ପରେ ଯଦି ଏହା କୁହେ କି ଏହି ମୁହୂର୍ତ୍ତରେ ମୋର ସନ୍ତାନ କାହିଁକି ଜନ୍ମ ହୋଇଯାଉ ନାହିଁ ? ସେହିପରି ସେ ଏହି ଖିଆଲରେ ଚିନ୍ତାଗ୍ରସ୍ତ ହୋଇ ଏବଂ ଆକାଂକ୍ଷିତ ହୋଇ ପ୍ରସବ ଔଷଧ ପାନ କରିନିଏ ତେବେ ସେତେବେଳେ କ'ଣ ତା'ର ସନ୍ତାନ ଜନ୍ମ ହୋଇଯିବ ଅବା ଏକ ଦୁଃଖିତ ଅବସ୍ଥାରେ ସ୍ୱୟଂ ସେ ଚାପଗ୍ରସ୍ତ ହୋଇଯିବ କି ? ସେହିପରି ଯେଉଁ ବ୍ୟକ୍ତି ସମୟ ପୂର୍ବରୁ ଶୀଘ୍ରତା ପ୍ରଦର୍ଶନ କରେ ତେବେ ସେ କ୍ଷତି ହିଁ ସହ୍ୟ କରିଥାଏ । ହୁଜୁର[ଅ.ସ] କହିଲେ, କେବଳ ସେ କ୍ଷତି ସହ୍ୟ କରି ନଥାଏ ବରଂ ତା'ର ବିଶ୍ୱାସକୁ ମଧ୍ଯ ହାନୀ ପହଞ୍ଚିଥାଏ ଏବଂ ଏହିପରି ପରିସ୍ଥିତିରେ କେତେକ ଲୋକମାନେ ନାସ୍ତିକବାଦୀ ପାଲଟି ଯାଆନ୍ତି । ହୁଜୁର[ଅ.ସ] କୁହନ୍ତି ଆମ ଗ୍ରାମରେ ଜଣେ ବଢେଇ ଥିଲା, ତା'ର ସ୍ତ୍ରୀ ଅସୁସ୍ଥ ହେଲା । ଶେଷରେ ତା'ର ସ୍ତ୍ରୀ ରୋଗରେ ପଡ଼ି ମୃତ୍ୟୁବରଣ କଲା । ଉକ୍ତ ବଢେଇ ଜଣକ କହିଲା, ଯଦି ସଂସାରରେ ଈଶ୍ୱର ଥାଆନ୍ତେ ତେବେ ମୁଁ ଏତେ ଦୁଆ କରିଥିଲି ଯେ, ମୋର ଦୁଆ ସ୍ୱୀକୃତ ହୋଇ।ଯାଇ ଥାଆନ୍ତା ଓ ମୋର ପତ୍ନୀ ଆଜି ମୃତ୍ୟୁବରଣ କରି ନଥାଆନ୍ତା । ଏହିପରି ଭାବରେ ଉକ୍ତ ବଢେଇ ଜଣକ ନାସ୍ତିକବାଦୀ ପାଲଟି ଗଲା । କିନ୍ତୁ ପୁଣ୍ୟବାନ ଯଦି ନିଜର ସତ୍ୟତା ଓ ନିଷ୍ଠତାକୁ ବିନିଯୋଗ କରେ ତେବେ ତା'ର ବିଶ୍ୱାସ ବୃଦ୍ଧି ପାଇଥାଆନ୍ତା ଏବଂ ସବୁକିଛି ସମ୍ଭବ ମଧ୍ଯ ହୋଇଯାଇ ଥାଆନ୍ତା । ଭୂପୃଷ୍ଠର ସମ୍ପତ୍ତି ପ୍ରଭୁଙ୍କ ସମ୍ମୁଖରେ କୌଣସି ସ୍ଥିତି ରଖୁ ନାହିଁ । ପ୍ରଭୁ ମୁହୂର୍ତ୍ତକ ମଧ୍ୟରେ ସବୁକିଛି କରିଦେଇ ପାରନ୍ତି । କ'ଣ ବ୍ୟକ୍ତି ଦେଖି ନାହିଁ ଯେ, ଅଲ୍ଲାଃତାଲା ସେହି ଜାତିକୁ ଯାହାକୁ କେହି ଚିହ୍ନି ନଥିଲା ତାହାକୁ ସମ୍ରାଟ କରିଦେଲେ । ଆରବର ନିପଟ ମଫସଲ ବ୍ୟକ୍ତିମାନେ ଆଉ କ'ଣ ଥିଲେ କି ? ସେମାନଙ୍କର କେଣସି ସ୍ଥିତି ନଥିଲା । କିନ୍ତୁ ଏମାନେ ସମଗ୍ର ଦେଶକୁ ଶାସନ କଲେ ଓ ବଡ଼ ବଡ଼ ଦେଶକୁ ମଧ୍ଯ ଜୟ କରି ସେଗୁଡ଼ିକୁ ନିଜ ଅକ୍ତିଆରକୁ ଆଣି ଦାସମାନଙ୍କୁ ସମ୍ରାଟ କରିଦେଲେ । ମନୁଷ୍ୟ ଯଦି ଧର୍ମପରାୟଣତା ଅବଲମ୍ବନ କରେ, ପ୍ରଭୁଙ୍କ ପାଇଁ ନିଜକୁ ସଂପୂର୍ଣ୍ଣ ରୂପେ ସମର୍ପିତ କିରଦିଏ ତେବେ ସଂସାରର ଶୀର୍ଷ ସ୍ତରର ଜୀବନଶୈଳୀ ହେଉ ପଛେ ତାହାକୁ ପ୍ରାପ୍ତ ହୁଏ । କିନ୍ତୁ ସର୍ତ୍ତ ଏହିକି ଯେ, ବ୍ୟକ୍ତି ନିଜେ ସତ୍ୟବାଦୀ ଏବଂ ସତ୍ସାହାସୀ ବ୍ୟକ୍ତି ହୋଇ ଦେଖାଉ । ମନ ବିଚଳିତ ଯେପରି ନହେଉ । ତା' ମନରେ ଅପମିଶ୍ରଣ, ଲୋକ ଦେଖାଣିଆ ଭାବ, ଶିର୍କ ଆଦି ଭାବ ଯେପରି ନରହୁ। ହ. ଇବ୍ରାହିମ୍ ଅ.ସଙ୍କ ଠାରେ କେଉଁ କଥା ଥିଲା ଯେ, ତାଙ୍କୁ **ଅବୁଲ୍ ମିଲ୍ଲତ୍ ଓ ଅବୁଲ୍ ହୁନଫା**ର ଉପାଧି ମିଳିଲା । ଅଲ୍ଲାଃତାଲା ତାଙ୍କୁ ଏପରି ମହା କଲ୍ୟାଣ ପ୍ରଦାନ କଲେ ଯେ, ତାହା ଅଗଣ୍ୟ ଅଟେ । ସୁତରାଂ ଏହା ହିଁ ସେହି ନିଷ୍ଠା ଓ ସତ୍ୟବାଦୀତା ଥିଲା ।

**(ମଲ୍ଫୁଜାତ୍, ଭାଗ-4, ପୃ- 419-420, ପ୍ରକାଶନ ବର୍ଷ-1984 ମସିହା )**

ସୁତରାଂ ଯେପରିକି ପୂର୍ବେ ବର୍ଣ୍ଣିତ ହୋଇ ସାରିଛି ଯେ, କେବଳ ଦୁଃଖ ସମୟରେ ମନୁଷ୍ୟ ଦୁଆ ନକରୁ ବରଂ ଅଲ୍ଲାଃତାଲା ଯେତେବେଳେ ମନୁଷ୍ୟକୁ ସୁଖ ଦିଅନ୍ତି ସେତେବେଳେ ମଧ୍ଯ ଦୁଆ କରୁଥିବା ଉଚିତ୍ । ଦୁଆ ସ୍ୱୀକୃତ ହେବା ପାଇଁ ଶରୀର ଏବଂ ଆତ୍ମାର କିପରି ସଂପର୍କ ରହିବା ଉଚିତ ତତ୍ସଂକ୍ରାନ୍ତରେ ହ. ମସିହ୍ ମଉଦ୍[ଅ.ସ] କୁହନ୍ତି, ପ୍ରକାଶ୍ୟ ନମାଜ ଏବଂ ରୋଜା (ଓଷା) ସହିତ ଯଦି ନିଷ୍ଠାପରତା ଏବଂ ସତ୍ୟବାଦୀତା ନାହିଁ ତେବେ ତାହା ନିଜ ମଧ୍ୟରେ କୌଣସି ବିଶେଷତା ରଖି ନଥାଏ । ଆସି ନମାଜ ପଢି ନେଲେ ଆତ୍ମା ଦ୍ରବୀଭୂତ ହୋଇ ନଥାଏ ତେବେ ଏହାର କୌଣସି ମୂଲ୍ୟ ନାହିଁ । ଯୋଗୀ ଓ ସନ୍ନ୍ୟାସୀମାନେ ମଧ୍ଯ ନିଜ ନିଜ ସ୍ଥାନରେ ରହି ଅତ୍ୟନ୍ତ କଠିନ ଶାରୀରିକ ପରିଶ୍ରମ, ଅଭ୍ୟାସ ଏବଂ ତପସ୍ୟା କରିଥାଆନ୍ତି । ଅନେକ ସମୟରେ ଦେଖିବାକୁ ମିଳିଥାଏ ଯେ, ସେମାନଙ୍କ ମଧ୍ୟରୁ ଅନେକ ଯୋଗୀ ସନ୍ନ୍ୟାସୀମାନେ ନିଜର ହସ୍ତକୁ ମଧ୍ଯ ଶୁଷ୍କ କରି ନିଅନ୍ତି ଓ ବହୁଦିନ ପର୍ଯ୍ୟନ୍ତ ହାତକୁ ଟେକି ରଖିବା ଫଳରେ ସେମାନଙ୍କେର ହସ୍ତ ଶୁଷ୍କ ହୋଇଯାଇଥାଏ । ସେହି ସାଧୁ, ଯୋଗୀ, ସନ୍ନ୍ୟାସୀମାନେ ନାନା କଷ୍ଟ ସହ୍ୟ କରନ୍ତି ଓ ନିଜକୁ ପୀଡ଼ା ତଥା ବିପତ୍ତିରେ ମଧ୍ଯ ପକାନ୍ତି । ଏହି କଷ୍ଟ ସେମାନଙ୍କୁ କୌଣସି ଆଲୋକ ପ୍ରଦାନ କରି ନଥାଏ ଓ ନା ହିଁ ସେମାନଙ୍କୁ ଆତ୍ମ ତୃପ୍ତି ପ୍ରଦାନ କରି

---

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃର ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

---

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ଯ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Abdul Malik, S/o- Late Abdur Rahman, Jamat Ahmadiya Karadapalli (Odisha)

ଥାଏ। ବରଂ ସେମାନେ କେବଳ ଶାରୀରିକ ତପସ୍ୟା ଓ ବ୍ୟାୟାମ ହିଁ କରି ଥାଆନ୍ତି ଓ ସେମାନଙ୍କର ଅନ୍ତରୀଣ ଅବସ୍ଥା ଖରାପ ହୋଇଯାଇଥାଏ । ଯାହାର ଆତ୍ମା ସହିତ ସ୍ୱଳ୍ପ ସଂପର୍କ ରହିଥାଏ ଏବଂ ଆତ୍ମା ଉପରେ ଏହାର କୌଣସି ସକାରାତ୍ମକ ପ୍ରଭାବ ପଡ଼ି ନଥାଏ । ସେମାନେ ନାନା ଭେଳିକି ତ' ପ୍ରଦର୍ଶନ କରନ୍ତି କିନ୍ତୁ ଆଧ୍ୟାତ୍ମିକ ଉଦାହରଣ ସେମାନେ ଆଦୌ ଦେଖାଇ ପାରିବେ ନାହିଁ । ଅତଃ ପବିତ୍ର କୁରଆନ୍‌ରେ ଅଲ୍ଲାଃତାଲା କୁହନ୍ତି, **ଲଇଁ ୟନାଲଲ୍ଲାଃହୁ ଲୁହୁମୁହା ୱଲା ଦିମାଉହା ୱଲାକିନ୍ ୟନାଲୁହୁତ୍ ତକ୍‌ୱା ମିନ୍‌କୁମ୍ । (ଅଲ୍‌ହଜ୍:38) ଅର୍ଥାତ ସେମାନଙ୍କର (ଜୀବର) ମାଂସ ଓ ରକ୍ତ କଦାପି ଅଲ୍ଲାଃତାଲାଙ୍କ ନିକଟରେ ପହଞ୍ଚେ ନାହିଁ କିନ୍ତୁ ତୁମମାନଙ୍କ ଆନ୍ତରିକ ଧର୍ମଭୀରୁତା ହିଁ ତାହାଙ୍କ ନିକଟରେ ପହଞ୍ଚେ ।** ବାସ୍ତବରେ ଅଲ୍ଲାଃତାଲା ଉପରର ଚୋପାକୁ ପସନ୍ଦ କରନ୍ତି ନାହିଁ ବରଂ ଭିତରର ମଞ୍ଜୀକୁ ହିଁ ପସନ୍ଦ କରନ୍ତି । ବର୍ତ୍ତମାନ ଏହି ପ୍ରଶ୍ନ ଯଦି ସଷ୍ଟି ହୁଏ ଯେ, ଅଲ୍ଲାଃତାଲାଙ୍କ ନିକଟକୁ ଯଦି ରକ୍ତ ମାଂସ ପହଞ୍ଚେ ନାହିଁ ବରଂ ଅନ୍ତରିକ ଧର୍ମପରାୟଣତା ପହଞ୍ଚିଥାଏ ତେବେ କୁର୍ବାନୀର କାହିଁକି ଆବଶ୍ୟକତା ରହିଛି ? ଏହିପରି ନମାଜ, ରୋଜା ଯଦି ଆତ୍ମା ସମ୍ବନ୍ଧୀୟ ତେବେ ପ୍ରକାଶ୍ୟ ଉପାସନାର କାହିଁକି ଆବଶ୍ୟକତା ରହିଛି ? ବସୁ ବସୁ ମନରେ ନମାଜ ପଢିନେବା, ଦୁଆ କରିନେବା, ରୋଦନ ଓ ବିଳାପ କରିନେବା, ଅଲ୍ଲାଃତାଲାଙ୍କ ଆଗରେ ଗୁହାରି କରିନେବା ଯେପରି ପୂର୍ବ ଧର୍ମମାନଙ୍କରେ ଏହି ପ୍ରଥା ପରମ୍ପରା ରହି ଆସିଥିଲା । ସୁତରାଂ ନମାଜରେ ଯେଉଁ ବିଭିନ୍ନ ଅବସ୍ଥା ରହିଛି, **କିୟାମ୍** (ସଳଖ ଛିଡ଼ା ହେବା), **ରୁକୁ** (ଅର୍ଦ୍ଧ ଆନତ ହେବା), **ସିଜ୍‌ଦା** (ଦଣ୍ଡବତ ହେବା) ରହିଛି ତା'ର କାହିଁକି ଆବଶ୍ୟକତା ରହିଛି ? ଆପଣ[ଅ.ସ] କହିଲେ: ଏହାର ଉତ୍ତର ଏହା ହିଁ ଯେ, ଏକଥା ନିରାଟ ସତ୍ୟ ଯେ, ଯେଉଁ ଲୋକମାନେ ଶାରୀରିକ ପରିଶ୍ରମ ପରିତ୍ୟାଗ କରି ଦିଅନ୍ତି ସେମାନଙ୍କର ଆତ୍ମା ସେମାନଙ୍କୁ ସ୍ୱୀକାର କରି ନଥାଏ ଏବଂ ସେମାନଙ୍କ ଠାରେ ସେହି ନିର୍ଲୋଭତା ଏବଂ ଭକ୍ତି କଦାପି ସୃଷ୍ଟି ହୋଇପାରିବ ନାହିଁ ଯାହାକି ନମାଜ ଓ ରୋଜାର ପ୍ରକୃତ ଅଭିପ୍ରାୟ ଅଟେ । ଆଉ ଯେଉଁ ବ୍ୟକ୍ତିମାନେ ଶାରୀରିକ ପରିଶ୍ରମ କରନ୍ତି ଏବଂ ଆତ୍ମାକୁ ବିନିଯୋଗ କରନ୍ତି ନାହିଁ ତେବେ ସେମାନେ ମଧ୍ୟ ବିରାଟ ବଡ଼ ପ୍ରମାଦର ଶିକାର ହେବେ । ଏହି ଯୋଗୀମାନେ ଏହି ପ୍ରକାରର ଲୋକ ଅଟନ୍ତି । ଅର୍ଥାତ ଶାରୀରିକ କାର୍ଯ୍ୟ (ପରିଶ୍ରମ) ତ' କରନ୍ତି କିନ୍ତୁ ଆତ୍ମା ସହିତ ସେମାନଙ୍କର କୌଣସି ସଂପର୍କ ନଥାଏ। ପ୍ରଭୁ ଆତ୍ମା ଏବଂ ଶରୀରକୁ ପରସ୍ପର ପରିପୂରକ ବୋଲି ଦର୍ଶାଇଛନ୍ତି ଏବଂ ଶରୀରର ପ୍ରଭାବ ମଧ୍ୟ ଆତ୍ମା ଉପରେ ପଡ଼ିଥାଏ । ଉଦାହରଣ ସ୍ୱରୂପ ଯଦି ଜଣେ ବ୍ୟକ୍ତି କୃତ୍ରିମତା ବା ଲୋକ ଦେଖାଣିଆ ରୂପେ କାନ୍ଦିବାକୁ ଉଦ୍ୟମ କରେ ତେବେ ପରିଶେଷରେ ତା'କୁ ଅବଶ୍ୟ କାନ୍ଦ ଲାଗିଯିବ । ଠିକ୍ ସେହିପରି ଯଦି କୌଣସି ବ୍ୟକ୍ତି ହସିବାକୁ ଚାହେଁ ତେବେ ଅବଶ୍ୟ ତା'କୁ ହସ ମାଡ଼ିବ । ସେହିପରି ଭାବରେ ନମାଜର ମଧ୍ୟ ଶରୀର ଉପେରେ ଅନେକ ସକାରାତ୍ମକ ପ୍ରଭାବ ପ୍ରଭାବ ପଡ଼ିଥାଏ । ଅର୍ଥାତ ନମାଜ ଅବସ୍ଥାରେ ଜଣେ ଉପାସନାକାରୀ ବିନୀତତାମୂଳକ ଅବସ୍ଥା ଏବଂ ନିର୍ଲୋଭତାମୂଳକ ଆଚରଣ ପ୍ରଦର୍ଶନ କରିଥାଏ ଠିକ୍ ସେହିଭଳି ଅବସ୍ଥା ଆତ୍ମା ଉପରେ ମଧ୍ୟ ପଡ଼ିଥାଏ । ଅର୍ଥାତ ଉପାସନା ସମୟରେ ଯେଉଁ ବିନୀତତାମୂଳକ ସକାରାତ୍ମକ ଅବସ୍ଥା ଓ ପ୍ରଭାବ ଶରୀର ଉପରେ ପଡ଼ିଥାଏ ଠିକ୍ ସେହିଭଳି ପ୍ରଭାବ ଆତ୍ମା ଉପରେ ମଧ୍ୟ ପଡ଼ିଥାଏ । ଯଦିଓ ଅଲ୍ଲାଃତାଲା କେବଳ ସିଜ୍‌ଦାକୁ ଗ୍ରହଣ କରନ୍ତି ନାହିଁ କିନ୍ତୁ କେବଳ ସିଜ୍‌ଦା କରିଦିଆଗଲା ଏବଂ ତହିଁରେ କୌଣସି ବିନୀତତା ନାହିଁ, ନିର୍ଲୋଭତା, ବିନମ୍ରତା ନାହିଁ ଓ ଆତ୍ମା ତାହାକୁ ସମର୍ଥନ ଜଣାଉ ନାହିଁ ତେବେ ସେ ପରିପ୍ରେକ୍ଷୀରେ କିଭଳି ଅଲ୍ଲାଃତାଲାଙ୍କ ସହିତ ସଂପର୍କ ସ୍ଥାପନ ହୋଇପାରିବ ? ଅତଏବ୍ ନମାଜର ଶେଷାବସ୍ଥା ହେଉଛି ସିଜ୍‌ଦା। ଯେତେବେଳେ ଜଣେ ଉପାସକ ଓ ଭକ୍ତ ନିଜ ମନରେ ଥିବା ଈଶ୍ୱରଙ୍କ ପ୍ରତି ଥିବା ଭକ୍ତିର ଅନ୍ତିମ ପର୍ଯ୍ୟାୟରେ ଉପନୀତ ହୁଏ ସେତେବେଳେ ସେ ବିନୀତତାମୂଳକ ସିଜ୍‌ଦା ଅର୍ଥାତ ପ୍ରଭୁଙ୍କ ପ୍ରତି ଷାଷ୍ଟାଙ୍ଗ ପ୍ରଣିପାତ ହେବାକୁ ଇଚ୍ଛା ପ୍ରକାଶ କରିଥାଏ। ଏହା ସ୍ୱଭାବିକ କଥା ଯେ, ଭକ୍ତ ସେତେବେଳେ ପ୍ରଭୁଙ୍କ ସମକ୍ଷରେ ନିଜର ବିନୀତତାମୂଳକ ଆଚରଣ ପ୍ରଦର୍ଶନ କରିଥାଏ । ହୁଜୁର[ଅ.ସ] କୁହନ୍ତି ଯେ, ଏହିଭଳି ସମାନ ଅବସ୍ଥା ପଶୁଙ୍କ ଠାରେ ମଧ୍ୟ ଦେଖିବାକୁ ମିଳିଥାଏ । ଉଦାହରଣ ସ୍ୱରୂପ କୁକୁର ଯେତେବେଳେ ନିଜର ମାଲିକ ପ୍ରତି ପ୍ରେମ ତଥା ଆନ୍ତରିକତା ପ୍ରଦର୍ଶନ କରେ ତେବେ ସେ ପରିପ୍ରେକ୍ଷୀରେ ସେ ନିଜ ମାଲିକର ଚରଣରେ ଆସି ନିଜର ମସ୍ତକ ରଖି ଦେଇଥାଏ ଏବଂ ନିଜର ପ୍ରେମ ସଂପର୍କକୁ ପ୍ରଦର୍ଶନ କରିବାକୁ ଯାଇ ଷାଷ୍ଟାଙ୍ଗ ହୋଇ ପ୍ରଣିପାତ ଜଣାଏ । ତହିଁରୁ ଏହା ସ୍ପଷ୍ଟ ଯେ, ଶରୀର ସହିତ ଆତ୍ମାର କେତେ ନିବିଡ଼ ସଂପର୍କ ରହିଛି ତାହା ଅନୁମେୟ । ଠିକ୍ ସେହିପରି ଆତ୍ମାର ବିଭିନ୍ନ ଅବସ୍ଥାର ପ୍ରଭାବ ମଧ୍ୟ ଶରୀର ଉପରେ ପଡ଼ିଥାଏ । ଯେତେବେଳେ ଆତ୍ମା ଦୁଃଖ ପ୍ରକାଶ କରେ ସେତେବେଳେ ଶରୀର ଉପରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଥାଏ । ଫଳତଃ ଚକ୍ଷୁର ଅଶ୍ରୁଧାର ବହିଥାଏ ଏବଂ ମନୁଷ୍ୟ ଦୁଃଖିତ ବୋଲି ଜଣା ପଡ଼ିଥାଏ । ସ୍ୱାସ୍ଥ୍ୟାବସ୍ଥା ମାନ୍ଦାଳିଆ ଲାଗିଥାଏ । ଯଦି ଆତ୍ମା ଭିତରେ କୋହ, ଦୁଃଖ ଥାଏ କିମ୍ବା କୌଣସି ବ୍ୟକ୍ତି ମନରେ ଯଦି ଦୁଃଖ ଥାଏ ତେବେ ତା'ର ଶରୀର ଟିକିଏ କ୍ଲାନ୍ତ ପରି ଜଣା ପଡ଼ିଥାଏ । ତହିଁରୁ ଅନ୍ୟମାନେ ଏହା ଠଉରାଇ ନେବେ ଯେ, ବ୍ୟକ୍ତିକୁ କ'ଣ ହୋଇଛି, କାହିଁକି ସେ ଏତେ ଦୁଃଖିତ ? କୌଣସି ସଭା ସମିତିରେ ମଧ୍ୟ ବସିବାକୁ ତା'ର ମନ ହୁଏ ନାହିଁ। ଯଦିବି ବସିଥିବ ତେବେ ଲୋକମାନେ ତା'କୁ ପଚାରୁଥିବେ ଯେ, ଭାଇ ତୁମର କ'ଣ ହୋଇଛି, ତୁମେ କାହିଁକି ଏତେ ଦୁଃଖିତ ? ଯଦି ଆତ୍ମାର ଶରୀର ସହିତ କୌଣସି ସଂପର୍କ ନାହିଁ ତେବେ ଏପରି କାହିଁକି କୁହାଯାଇଛି ? ଆମ ଶରୀରେ ଏବଂ ନାଡି ବା ଶିରା ପ୍ରଶିରାରେ ଯେଉଁ ରକ୍ତ ବାହିକା ରହିଛି ତହିଁରେ ଯେଉଁ ରକ୍ତ ପ୍ରବାହିତ ହୋଇଥାଏ ଏବଂ ତାହା ଦୃଦୟ ଦ୍ୱାରା ସମ୍ଭବପର ହୋଇଥାଏ । ତେଣୁ ହୃଦୟ ଓ ହୃତ୍‌ସ୍ପନ୍ଦନର ମଧ୍ୟ ଅତୀବ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ରହିଛି । ତହିଁରେ କୌଣସି ଶଂସୟ ନାହିଁ ଯେ, ହୃଦୟ ଦ୍ୱାରା ହିଁ ସମସ୍ତ ଶରୀରସ୍ଥ ଶିରା ପ୍ରଶିରାରେ ରକ୍ତ ସଞ୍ଚାଳନ ହୋଇଥାଏ । ଏହା ଏକ ଇଞ୍ଜିନ୍ ସଦୃଶ କାର୍ଯ୍ୟ କରିଥାଏ । ହୃଦୟ ମାଧ୍ୟମରେ ହିଁ ସମଗ୍ର ଶରୀରରେ ରକ୍ତ ସଞ୍ଚାଳନ ବା ରକ୍ତ ପ୍ରବାହିତ ହୋଇଥାଏ। କିନ୍ତୁ ଶରୀରର ଏହି ରକ୍ତ ସଞ୍ଚାଳନ ଏକ ଇଞ୍ଜିନ୍ ସଦୃଶ କାର୍ଯ୍ୟ କରିଥାଏ ଏବଂ ହୃତ୍‌ସ୍ପନ୍ଦନ ଏହି ହୃତ୍‌ପିଣ୍ଡ ଦ୍ୱାରା ହିଁ ଶରୀରର ସମସ୍ତ ଶିରା ପ୍ରଶିରା, କୋଷିକାର କାର୍ଯ୍ୟ ସାଧିତ ହୋଇଥାଏ ।

ସୁତରାଂ ଶାରୀରୀକ ଏବଂ ଆଧ୍ୟାତ୍ମିକ ପରମ୍ପରା କ୍ରମାନ୍ୱୟ ଭାବରେ ସମ୍ପାଦିତ ହୋଇଥାଏ । କେତେବେଳେ ହୃତ୍‌ପିଣ୍ଡ ସଂକୁଚିତ ହୋଇଥାଏ ତ' ଆଉ କେତେବେଳେ ସଂପ୍ରସାରିତ ହୋଇଥାଏ । ଏହି ହୃତ୍‌ପିଣ୍ଡସ୍ଥ ରକ୍ତ ସଞ୍ଚାଳନ ଦ୍ୱାରା ହିଁ ଶରୀରର ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗ କାର୍ଯ୍ୟକାରୀ କରିଥାଏ ଏବଂ ରକ୍ତ ଶିରା ପ୍ରଶିରା ମାଧ୍ୟମ ଦେଇ ଶରୀର ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗ ପର୍ଯ୍ୟନ୍ତ ପହଞ୍ଚିଥାଏ। ଫଳତଃ ଶରୀର ଅଙ୍ଗ ପ୍ରତ୍ୟଙ୍ଗ କାର୍ଯ୍ୟକ୍ଷମ ହୋଇଥାଏ । ଠିକ୍ ସେହିପରି ଶାରୀରୀକ ଏବଂ ଆଧ୍ୟାତ୍ମିକ ପରମ୍ପରା ମଧ୍ୟ ଏହିପରି ଭାବରେ ଅହରହ ଭାବରେ ସମ୍ପାଦିତ ହୋଇଥାଏ । ଯେତେବେଳେ ଆତ୍ମାରେ ବିନୀତତା, ନିର୍ଲୋଭତା ସୃଷ୍ଟି ହୁଏ ସେତେବେଳେ ଶରୀର ଉପରେ ମଧ୍ୟ ବିନୀତତାମୂଳକ ପ୍ରଭାବ ସୃଷ୍ଟି ହୋଇଥାଏ । ଏଣୁ ଆତ୍ମା ଭିତରେ ବିନୀତତା ଏବଂ ବିନମ୍ରତା ଯେତେବେଳେ ଥାଏ ସେତେବେଳେ ଶରୀର ଉପରେ ଏହାର ସକାରାତ୍ମକ ପ୍ରଭାବ ମଧ୍ୟ ସ୍ୱତଃ ଦୃଶ୍ୟମାନ ହୋଇଥାଏ । ଫଳତଃ ଶରୀର ଉପରେ ଏକ ଭିନ୍ନ ପ୍ରକାରର ପ୍ରଭାବ ମଧ୍ୟ ପଡ଼ିଥାଏ ଏବଂ ଆତ୍ମା ତାହା ଦ୍ୱାରା ପ୍ରଭାବିତ ହୋଇଯାଇଥାଏ । ତେଣୁ ଅଲ୍ଲାଃତାଲାଙ୍କ ସମ୍ମୁଖରେ ଯେତେବେଳେ ତୁମେମାନେ ଉପାସନା ନିମନ୍ତେ ଛିଡ଼ା ହୁଅ ସେତେବେଳେ ନିଜର ଅସ୍ତିତ୍ୱ ଏବଂ ବିନମ୍ରତା ଏବଂ ଅଭିଳାଷା ଦ୍ୱାରା ପରିପ୍ରକାଶ କରିବା ଉଚିତ ।

ଯଦିଓ ଏହା ସେହି ସମୟରେ ଏକ ବୈମନସ୍ୟ ଅବସ୍ଥା ସଷ୍ଟି ହୁଏ । ଅର୍ଥାତ ଦ୍ୱାନ୍ଦ୍ୱାତ୍ମକ ଅବସ୍ଥା ଅଟେ । ଦ୍ୱନ୍ଦ୍ୱାତ୍ମକ ଅବସ୍ଥା କହିଲେ ଏହା ବୁଝାଯାଏ ଯେ, ମନ ଚାହେଁ ନାହିଁ କିନ୍ତୁ ବ୍ୟକ୍ତି ବାଧ୍ୟ ହୋଇ ବିନୀତତା ପ୍ରକାଶ କର । କାରଣ ଧୀରେ ଧୀରେ ମନୁଷ୍ୟର ଅବସ୍ଥା ସାର୍ବକାଳୀକ ହୋଇଯାଇଥାଏ, ଅଭ୍ୟାସ ପଡ଼ି ଯାଇଥାଏ ଏବଂ ପୁନଶ୍ଚ ଶରୀର ଏବଂ ଆତ୍ମା ଉଭୟେ ଏକା ସାଙ୍ଗରେ କାର୍ଯ୍ୟ କରିବାକୁ ଆରମ୍ଭ କରି ଦିଅନ୍ତି । **(ମଲ୍‌ଫୁଜାତ୍, ଭାଗ-4, ପୃ-420-422, ପ୍ରକାଶନ ବର୍ଷ-1984 ମସିହା)**

ହୁଜୁର[ଅ.ସ] କହିଲେ ନିଃସନ୍ଦେହ ଆତ୍ମାରେ ସେହି ବିନୀତତା ଏବଂ ବିନମ୍ରତା ସୃଷ୍ଟି ହେବାକୁ ଲାଗିଥାଏ । ସୁତରାଂ ଭକ୍ତ ଯେତେବେଳେ ଏହି ଅବସ୍ଥାକୁ ପ୍ରାପ୍ତ କରିନିଏ ବା ଏହି ଅବସ୍ଥାରେ ଉପନୀତ ହୁଏ ସେତେବେଳେ ମନୁଷ୍ୟ ନମାଜରେ ସ୍ୱାଦ ଓ ଆନନ୍ଦ ଅନୁଭୂତ କରିଥାଏ । କେବଳ ନିଜର ବ୍ୟକ୍ତିଗତ ସ୍ୱାର୍ଥ ସାଧନ ପାଇଁ ସେ ଅଲ୍ଲାଃତାଲାଙ୍କ ନିକଟକୁ ଯାଇ ନଥାଏ ବରଂ ଅଲ୍ଲାଃତାଲାଙ୍କ ସହିତ ସଂପର୍କ ସ୍ଥାପନ କରିବା ଏବଂ ପ୍ରେମ ତଥା ଆନ୍ତରିକତାମୂଳକ ସଂପର୍କ ସ୍ଥାପନ କରିବା ପ୍ରତି ମଧ୍ୟ ମନୋନିବେଶ କରିଥାଏ ।

ଉପରୋକ୍ତ ବ୍ୟାଖ୍ୟାର ଅତିରିକ୍ତ ଚର୍ଚ୍ଚା କରି ହୁଜୁର[ଅ.ସ] କୁହନ୍ତି, କେତେକ ଲୋକମାନେ କୁହନ୍ତି ଯେ, ସେମାନଙ୍କୁ ନମାଜରେ ଆନନ୍ଦ ପ୍ରାପ୍ତ ହେଉ ନାହିଁ । କିନ୍ତୁ ସେମାନେ ଏହା ଜାଣନ୍ତି ନାହିଁ ଯେ, ଆନନ୍ଦ ସେମାନଙ୍କ ଅଧୀନ ନଥାଏ ଏବଂ ଆନନ୍ଦର ଭିନ୍ନ ଭିନ୍ନ ସ୍ତର ମଧ୍ୟ ରହିଛି । ବେଳେବେଳେ ଜଣେ ବ୍ୟକ୍ତି ଘୋର ଅନ୍ୟାୟ, ଅତ୍ୟାଚାର ଏବଂ ଦୁଃଖ କଷ୍ଟ ସହ୍ୟ କରିଥାଏ କିନ୍ତୁ ସେହି ସେହି ଦୁଃଖ କଷ୍ଟକୁ ମଧ୍ୟ ଆନନ୍ଦ ଏବଂ ସ୍ୱାଦ ଭାବି ତାହାକୁ ଆଦରି ନେଇଥାଏ । ଆପଣ[ଅ.ସ] ଯେତେବେଳେ ଉକ୍ତ ବ୍ୟଖ୍ୟାର ଚର୍ଚ୍ଚା କରୁଥିଲେ ସେତେବେଳେ ଟ୍ରାନ୍‌ସୱାଲ୍ ଠାରେ ସ୍ୱାଧୀନତା ନିମନ୍ତେ ସଂଗ୍ରାମ ଚାଲିଥିଲା । ଟ୍ରାନସ୍‌ୱାଲ୍ ଠାରେ ସ୍ୱାଧୀନତା ସଂଗ୍ରାମ ପାଇଁ ଯେଉଁ ଲୋକମାନେ ସଂଘର୍ଷ କରୁଛନ୍ତି ଉକ୍ତ ଯୁଦ୍ଧରେ ପ୍ରାଣହାନୀ ହୋଇଥାଏ ଏବଂ ମହିଳାମାନେ ବିଧବା ହୋଇ ଯାଆନ୍ତି ଏବଂ ସନ୍ତାନମାନେ ଅନାଥ ହୋଇଯାଆନ୍ତି । କିନ୍ତୁ ଜାତୀୟତାବୀଦୀ ବା ସ୍ୱଦେଶ ପ୍ରୀତୀ ଏବଂ ସମର୍ଥନ ଓ ଆନନ୍ଦ ସେହି ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ପରମ ଆନନ୍ଦ, ତୃପ୍ତି ପ୍ରଦାନ କରି ସେମାନଙ୍କୁ ମୃତ୍ୟୁ ମୁଖକୁ ନେଇ ଯାଇଥାଏ । ଜାତି ପାଇଁ ସେମାନେ ପ୍ରାଣାହୂତି

ଦିଅନ୍ତି ।

ସେମାନଙ୍କର ଜାତୀୟତାବୀଦୀ ବା ସ୍ୱଦେଶପ୍ରୀତି ସେମାନଙ୍କୁ ଆନନ୍ଦ ସହକାରେ ମୃତ୍ୟୁ ମୁଖକୁ ନେଇଯାଇଥାଏ । ଅନ୍ୟପଟରେ ଜାତି ସେମାନଙ୍କର ପରିଶ୍ରମ, ଅକ୍ଳେଶ ପ୍ରାଣାବଳୀକୁ ସମ୍ମାନ ଜଣାଇଥାଏ । ଅର୍ଥାତ ଯେତେବଳେ ଜାତୀୟ ସ୍ୱାର୍ଥକୁ ସାରଥି କରି ନିଆଯାଏ ସେତେବେଳେ ଏକତା ବଳ ହିଁ କାମ ଦେଇଥାଏ । ଅର୍ଥାତ ସ୍ୱାର୍ଥ ତ' ଗୋଟିଏ କିନ୍ତୁ ଗୋଟିଏ ଦଳ ବଳିଦାନ ଦେଉଥିବା ବେଳେ ଆଉ ଗୋଟିଏ ସେହି ସ୍ୱାଧୀନତା ସଂଗ୍ରାମୀମାନଙ୍କୁ Encourage (ଉତ୍ସାହିତ) କରୁଛନ୍ତି ଏବଂ ସେମାନଙ୍କୁ ସମ୍ମାନ ଜଣାଉଛନ୍ତି । ପୁନଶ୍ଚ ସେମାନଙ୍କ ପରିଶ୍ରମକୁ କାହିଁକି ସମ୍ମାନ ପ୍ରଦର୍ଶନ କରାଯାଉଛି ? ସେମାନଙ୍କର ଦୁଃଖ କଷ୍ଟ ସହ୍ୟ କରିବା ଯୋଗଁ ହିଁ ସେମାନଙ୍କ ପ୍ରତି ସମ୍ମନା ପ୍ରଦର୍ଶନ କରାଯାଉଛି। ସେମାନଙ୍କର ଅକ୍ଳାନ୍ତ ପରିଶ୍ରମ ଏବଂ ବଳିଦାନ ଯୋଗୁଁ ହିଁ ସେମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରାଯାଉଛି । କାରଣ ସେମାନେ ସ୍ୱାଧୀନତା ପ୍ରାପ୍ତି ପାଇଁ ଯେଉଁ ଦଃଖ କଷ୍ଟ ସହ୍ୟ କରିଛନ୍ତି ସେହି ଦୁଃଖ କଷ୍ଟ ଯୋଗୁଁ ହିଁ ସେମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରାଯାଉଛି ।

"କହିବାର ତାତ୍ପର୍ଯ୍ୟ ଏହିକି ଯେ, ସମସ୍ତ ପ୍ରକାରର ଆନନ୍ଦ ଏବଂ ତୃପ୍ତି ଦୁଃଖ ପରେ ହିଁ ଆସିଥାଏ । ଏଣୁ ପବିତ୍ର କୁରଆନ୍ କରୀମ୍‌ରେ ଏହି ନିୟମ ଦର୍ଶାଇ ଉଲ୍ଲେଖ କରି ଦିଆଯାଇଛି ଯେ, **ଇନ୍ନା ମାଆଲ୍ ଉସ୍ରି ୟୁସ୍ରା । (ଅଲମ୍ ନଶ୍‌ରହ୍:7)** ଅର୍ଥାତ ଯଦି କୌଣସି ଆଶ୍ୱସ୍ତି ଏବଂ ସୁଖ ପୂର୍ବରୁ କଷ୍ଟ ନାହିଁ ତେବେ ସେହି ସୁଖ ସୁଖ ହୋଇ ରହି ନଥାଏ । ଠିକ୍ ସେହିପରି ଯେଉଁ ଲୋକମାନେ ଏହା କୁହନ୍ତି ଯେ, ଆମମାନଙ୍କୁ ଉପାସନାରେ କୌଣସି ତୃପ୍ତି ବା ଆନନ୍ଦ ପ୍ରାପ୍ତ ହେଉ ନାହିଁ ସେମାନଙ୍କୁ ପ୍ରଥମେ ନିଜ ସ୍ଥାନରେ ରହି ଅନୁଧ୍ୟାନ ଓ ଆତ୍ମ ସମୀକ୍ଷା କରିବା ଉଚିତ ଯେ, ସେମାନେ ଉପାସନା ପାଇଁ କିପରି ଦୁଃଖ କଷ୍ଟ ସହ୍ୟ କରୁଛନ୍ତି ?"

ଆନନ୍ଦ ମିଳୁ ନାହିଁ ତେବେ ପ୍ରଥମେ ସେମାନେ ଏହା ଦେଖନ୍ତୁ ଓ ଭାବନ୍ତୁ ଯେ, ସେମାନେ ଉପାସନା କରିବା ପାଇଁ କିଛି କଷ୍ଟ ସହ୍ୟ କରିଛନ୍ତି କି ? ତେଣୁ ମନୁଷ୍ୟ ଯେଉଁଭଳି ଭାବରେ ଦୁଃଖକଷ୍ଟ ସହ୍ୟ କରିଥାଏ ସେହି ଦୁଃଖକଷ୍ଟ ଅପର ମୁହୂର୍ତ୍ତରେ ପରିବର୍ତ୍ତନ ସ୍ୱରୂପ ତା' ପାଇଁ ଆନନ୍ଦ ପାଲଟି ଯାଇଥାଏ । ହୁଜୁର[ଅ.ସ] କହିଲେ, ମୋର କହିବାର ତାତ୍ପର୍ଯ୍ୟ ଦୁଃଖ ନୁହେଁ । ଅର୍ଥାତ ମନୁଷ୍ୟ ନିଜକୁ ଅସଂଖ୍ୟ ଦୁଃଖକଷ୍ଟରେ ପକାଇ ସାମର୍ଥ୍ୟ ବହିର୍ଭୂତ ଭାର ବହନ କରିବାର ଦାବି କରୁ ।

**(ମଲ୍‌ଫୁଜାତ୍, ଭାଗ-4, ପୃ-422-423, ପ୍ରକାଶନ ବର୍ଷ-1984 ମସିହା)**

ଏପରି କେତେକ ଲୋକମାନେ ଥାଆନ୍ତି ଯେଉଁମାନେ ସ୍ୱୟଂ ତ' କୌଣସି ପ୍ରକାରର ଦୁଃଖ କଷ୍ଟ ସହ୍ୟ କରି ନଥାଆନ୍ତି ଏବଂ ଏହା ଭାବନ୍ତି ଯେ, ଅନ୍ୟକୁ ଦୁଆ କରିବା ପାଇଁ କହି ଦେଲେ ନିଜର ସ୍ୱାର୍ଥ ହାସଲ ହୋଇଯିବ । ତେବେ ଏଭଳି ମାନସିକତା ରଖୁଥିବା ବ୍ୟକ୍ତିମାନେ ସଂପୂର୍ଣ୍ଣ ରୂପେ ଭ୍ରମର ଶିକାର ହୁଅନ୍ତି । ବେଳେବେଳେ ସେମାନଙ୍କୁ ଏବାବଦରେ ଯେତେବେଳେ ପଚରାଯାଏ ସେତେବେଳେ ସେମାନେ ଏହି ଉତ୍ତର ପ୍ରଦାନ କରନ୍ତି ଯେ, ସେମାନେ ପାଞ୍ଚବେଳା ନମାଜ ମଧ୍ୟ ସଠିକ୍ ରୂପେ ପାଠ କରୁ ନାହାନ୍ତି । ଏକଦା ଜଣେ ପୁତ୍ର ନିଜର ପିତା ନିମନ୍ତେ ହ. ମସିହ୍ ମଉଦ୍[ଅ.ସ]ଙ୍କୁ ପ୍ରାର୍ଥନା କରିବା ପାଇଁ କହିଲା ଏବଂ ଏହି ଦୁଆ ବ୍ୟକ୍ତିଗତ ସ୍ୱାର୍ଥ ସକାଶେ ନଥିଲା ବରଂ ତା'ର ଧର୍ମ ପାଇଁ ଅଭିପ୍ରେତ ଥିଲା । ପ୍ରତ୍ୟୁତ୍ତରରେ ହ. ମସିହ୍ ମଉଦ [ଅ.ସ] କହିଲେ ଯେ, ତୁମେ ପୂର୍ଣ୍ଣ ମନଯୋଗପୂର୍ବକ ଓ ଧ୍ୟାନପୂର୍ବକ ଦୁଆ କର । ପିତାଙ୍କର ଦୁଆ ଯେଉଁଭଳି ଭାବରେ ନିଜ ପୁତ୍ର ସପକ୍ଷରେ ସ୍ୱୀକୃତ ହୋଇଥାଏ । ଠିକ୍ ସେହିଭଳି ପୁତ୍ରର ପ୍ରାର୍ଥନା ମଧ୍ୟ ନିଜ ପିତାଙ୍କ ସପକ୍ଷରେ ସ୍ୱୀକୃତ ହୋଇଥାଏ । ତେଣୁ ତୁମେ ପୂର୍ଣ୍ଣ ମନଯୋଗପୂର୍ବକ ପ୍ରଭୁଙ୍କର ପ୍ରାର୍ଥନା କର । ଅର୍ଥାତ ହ. ମସିହ୍ ମଉଦ୍[ଅ.ସ]ଙ୍କ ଉକ୍ତ ଯୁବକକୁ କହିବାର ତାତ୍ପର୍ଯ୍ୟ ଏହିକି ଯେ, ତୁମେ ଯଦି ପୂର୍ଣ୍ଣ ମନଯୋଗପୂର୍ବକ ନିଜ ପିତାଙ୍କ ପାଇଁ ଦୁଆ କରିବ ତାହାହେଲେ ଯାଇ ମୋର ଦୁଆର ମଧ୍ୟ ପ୍ରଭାବ ପଡ଼ିବ । ଅର୍ଥାତ ପ୍ରଥମେ ନିଜେ ଦୁଆ କର ତେବେ ଯାଇ ମୋ ଦୁଆର ପ୍ରଭାବ ପଡ଼ିବ ଅନ୍ୟଥା ମୁଁ ଯେତେ ଦୁଆ କଲେ କ'ଣ ହେଲା ତାହା ବୃଥାଯିବ । ତେଣୁ ତୁମେ ଯଦି ନିଜେ ଦୁଆ କର ତାହାହେଲେ ମୋ ଦୁଆର ପ୍ରଭାବ ମଧ୍ୟ ଅବଶ୍ୟ ତୁମେ ଦେଖି ପାରିବ।ଅନ୍ୟଥା ନୁହେଁ। **(ମଲ୍‌ଫୁଜାତ୍,ଭାଗ-4,ପୃ-188-187, ପ୍ରକାଶନ ବର୍ଷ-1984 ମସିହା)**

ଅତଏବ୍ ଦୁଆକାରୀ ବ୍ୟକ୍ତିମାନେ କେବଳ ଅନ୍ୟ ବ୍ୟକ୍ତିକୁ ଦୁଆ ପାଇଁ କହି ଦେଇ ତାହାଙ୍କ ଉପରେ ଭରସା କରନ୍ତୁ ନାହିଁ ବରଂ ପ୍ରଥମେ ସ୍ୱୟଂ ମଧ୍ୟ ଦୁଆ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ ।

ଉପାସନାରେ ଆନନ୍ଦ ପ୍ରାପ୍ତି କରିବାର ପଦ୍ଧତି ସଂପର୍କରେ ଅତିରିକ୍ତ ବର୍ଣ୍ଣନା କରି ହ. ମସିହ୍ ମଉଦ୍[ଅ.ସ] କୁହନ୍ତି ଯେ, ମନେରଖ ! ଯେଉଁ ବସ୍ତୁ ଅଲ୍ଲାଃତାଲାଙ୍କ ଦୃଷ୍ଟିରେ ଅଶୁଭ ଓ ଅସୁନ୍ଦର ଏବଂ ଯାହା ପ୍ରଭୁଙ୍କ ଆକାଂକ୍ଷା ବିରୁଦ୍ଧୀୟ କିନ୍ତୁ ମନୁଷ୍ୟ ଦୃଷ୍ଟିରେ ତାହା ପ୍ରିୟ ତେବେ ସେହି ସମସ୍ତ ବସ୍ତୁ ଓ କଥାକୁ ପରିତ୍ୟାଗ କରି ନିଜକୁ ଦୁଃଖ କଷ୍ଟରେ ପକାଏ । ଏହା ଦ୍ୱାରା ସେ ଶାରୀରୀକ ନିର୍ଯାତନ ସହ୍ୟ କରିବା ଫଳରେ ତା' ଆତ୍ମା ଉପରେ ମଧ୍ୟ ଏହାର ନକାର୍ତ୍ମକ ପ୍ରଭାବ ପରିଲକ୍ଷିତ ହେବ । ତେଣୁ କେଉଁ କଥାଗୁଡ଼ିତ ଈଶ୍ୱରଙ୍କ ବିରୁଦ୍ଧୀୟ ଏବଂ ଯେଉଁ ବସ୍ତୁଗୁଡ଼ିକ ଈଶ୍ୱର ବିରୁଦ୍ଧୀୟ ତେବେ ତାହାକୁ ସର୍ବ ପ୍ରଥମେ ପରିତ୍ୟାଗ କର । ତେବେ ଯାଇ ଏହାର ସୁଫଳ ଓ ସୁପ୍ରଭାବ ତୁମ ଶରୀର ଏବଂ ଆତ୍ମା ଉପରେ ମଧ୍ୟ ପଡ଼ିବ। ଯଦି ସେହିସବୁ କଥା ଏବଂ ବସ୍ତୁଗୁଡ଼ିକୁ ଛାଡ଼ିବା ଫଳରେ ତୁମକୁ କଷ୍ଟ ଏବଂ କ୍ଷତି ସହ୍ୟ କରିବାକୁ ପଡ଼େ ତେବେ ମଧ୍ୟ ସେହି ଈଶ୍ୱର ବିରୁଦ୍ଧୀୟ ବସ୍ତୁଗୁଡ଼ିକୁ ଈଶ୍ୱରଙ୍କ ସକାଶେ ପରିତ୍ୟାଗ ଓ ବର୍ଜନ କରିଦେବା ଉଚିତ । ତେଣୁ ଏହିଭଳି ବର୍ଜନୀୟ ବସ୍ତୁ, କର୍ମକୁ ପରିତ୍ୟାଗ କରିବା ଫଳରେ ଦୁଃଖ ସହ୍ୟକାରୀ ବ୍ୟକ୍ତିର ଶରୀର ଉପରେ ମଧ୍ୟ ଏକ ପ୍ରକାରର ପ୍ରଭାବ ପଡ଼ିଥାଏ ଏବଂ ଶରୀର ମଧ୍ୟ ତହିଁରୁ ପ୍ରଭାବିତ ହୋଇ ନିଜ ଭିତରେ ଏକ ଅଭୂତପୂର୍ବ ପରିବର୍ତ୍ତନ ସୃଷ୍ଟି କରିଥାଏ । ଏପର୍ଯ୍ୟନ୍ତକି ପୂର୍ଣ୍ଣ ବିନୀତତା ଏବଂ ନିର୍ଲୋଭତାର ସହିତ ତାହାଙ୍କ ଐଶ୍ୱରିକ ଆସ୍ଥାନ ଉପରେ ଅତର୍କିତ ହୋଇ ପଡ଼ିଯାଇଥାଏ । ଏହି ପ୍ରକାରର ଦୁଃଖ କଷ୍ଟ ଯେତେବେଳେ ଅଲ୍ଲାଃତାଲାଙ୍କ ସକାଶେ ସହ୍ୟ କର, ପ୍ରିୟ ବସ୍ତୁକୁ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ସକାଶେ ପରିତ୍ୟାଗ କର ତେବେ ଏହାର ପ୍ରଭାବ ମଧ୍ୟ ତୁମ ଉପରେ ଅବଶ୍ୟ ପଡ଼ିବ । ଯେତେବେଳେ ଆତ୍ମା ଉପରେ ଏହାର ପ୍ରଭାବ ପଡ଼ିବ ସେତେବେଳେ ନମାଜରେ, ସିଜ୍‌ଦାରେ, ରୁକୁରେ ତୁମର ସେହି ଅତ୍ମା ଅବଶ୍ୟ ଷାଷ୍ଟାଙ୍ଗ ପ୍ରଣିପାତ ହେବ । ତେଣୁ ନମାଜରେ ଆନନ୍ଦ ପ୍ରାପ୍ତ କରିବାର ସର୍ବୋତ୍କୃଷ୍ଟ ପନ୍ଥା ଓ ମାଧ୍ୟମ ହେଉଛି ଉପରୋକ୍ତରେ ବର୍ଣ୍ଣିତ ପନ୍ଥା ।

ହ. ମସିହ୍ ମଉଦ୍[ଅ.ସ] କୁହନ୍ତି, ଅନେକ ଲୋକମାନେ ଅଛନ୍ତି ଯେଉଁମାନଙ୍କୁ ତୁମେମାନେ ଦେଖିଥିବ ଯେ, ସେମାନେ ନିଜ ଉପାସନାରୁ ଆନନ୍ଦିତ ହେଉଛନ୍ତି। ଏହାକୁ ଆନନ୍ଦର ମାର୍ଗ ବୋଲି ବିବେଚିତ କରନ୍ତି, କିଛି ଗୀତ ଓ ଭଜନ, ଜଣାଣ ଗାଇ ଦିଆଯାଉ କିମ୍ବା ବାଦ୍ୟ ବଜାଇ ଦିଆଯାଉ । ଏପରି କରିବା ଦ୍ୱରା ସେମାନଙ୍କର ପ୍ରଭୁଙ୍କ ଉପାସନା ସମ୍ପାଦିତ ହୋଇଗଲା । ନିଜର ଚକ୍ଷୁକୁ ବନ୍ଦ ରଖି ଗଭୀର ଧ୍ୟାନ ଓ ଆତ୍ମ ଚିନ୍ତନ ଏବଂ ମୁଦ୍ରାବସ୍ଥାରେ ଚାଲି ଯାଆନ୍ତି ଏବଂ ଏହା ଭାବନ୍ତି ଯେ, ଆମର ଉପସନା ସମ୍ପାଦନ ହୋଇଗଲା କିମ୍ବା ଗୀତ, ଭଜନ, ଜଣାଣାଦି ଶୁଣିବା ଦ୍ୱାରା ପ୍ରଭୁଙ୍କ ଉପାସନା ହୋଇଗଲା । ଆପଣ[ଅ.ସ] କୁହନ୍ତି, ତହିଁରୁ ଭ୍ରମର ଶିକାର ହୁଅ ନାହିଁ ବା ଭ୍ରମିତ ହୁଅନ୍ତି । ଏହି କଥାଗୁଡ଼ିକ ଯଦି ସାଂସାରିକ ଏବଂ ଶାରୀରିକ ବା ସାତ୍ତ୍ୱିତ ଅନନ୍ଦର କାରଣ ତ' ହୋଇ ପାରେ କିନ୍ତୁ ଆତ୍ମିକ ସୁଖ ତହିଁରେ ଆଦୌ ନିହତ ହୋଇ ରହି ନଥାଏ । ଏହା ଦ୍ୱାରା ଆତ୍ମାରେ ବିନୀତତା, ବିନମ୍ରତା, ନିର୍ଲୋଭତା ଭଳି ଗୁଣାବଳୀ ସୃଷ୍ଟି ହୋଇ ନଥାଏ ଓ ଉପସନାର ପ୍ରକୃତ ମର୍ମ ହଜି ଯାଇଥାଏ ଅର୍ଥାତ ଚରିତାର୍ଥ ହୋଇ ନଥାଏ । ହ. ମସିହ୍ ମଉଦ୍[ଅ.ସ] କୁହନ୍ତି, ଭଜନ ପରିବେଶରେ ଯଦି କୌଣସି ବ୍ୟକ୍ତି ଆନନ୍ଦିତ ଏବଂ ତୃପ୍ତି ଲାଭ କରେ ତେବେ ତାହାକୁ କ'ଣ ଉପାସନାର ଆନନ୍ଦ ଏବଂ ତୃପ୍ତି ବୋଲି ପରିଗଣିତ କରାଯାଇ ପାରିବ ? ଏହା ହେଉଛି ସୂକ୍ଷ୍ମ କଥା ଯାହାକୁ ଅନ୍ୟ ଧର୍ମାବଲମ୍ବୀମାନେ ବୁଝି ପାରିବେ ନାହିଁ । କାରଣ ସେମାନେ ଉପାସନାର ପ୍ରକୃତ ମର୍ମ ଓ ଅଭିପ୍ରାୟକୁ ବୁଝି ନାହାନ୍ତି ।

**(ମଲ୍‌ଫୁଜାତ୍, ଭାଗ-4, ପୃ-188-187, ପ୍ରକାଶନ ବର୍ଷ-1984 ମସିହା)**

ହ. ଇବ୍ରାହିମ ଅ.ସଙ୍କ ବିଶ୍ୱସ୍ତତା ଏବଂ ନିଜକୁ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତି ସକାଶେ ଦୁଃଖ କଷ୍ଟରେ ପକାଇବା ଓ ପରିଣାମ ସ୍ୱରୂପ ଅଲ୍ଲାଃତାଲାଙ୍କର ତାହାଙ୍କ ପ୍ରତି ବ୍ୟବହାରର ଉଦାହରଣ ଦେଇ ହ. ମସିହ୍ ମଉଦ୍[ଅ.ସ] କୁହନ୍ତି,

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idrish Khan,
Jamat Ahmadiya Kerang (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family,
Jamat Ahmadiya Kerang (Odisha)

ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଏବଂ ସାମୀପ୍ୟତା ପ୍ରାପ୍ତି କରିବାର ସରଳ ମାର୍ଗ ଏହିକିଯେ, ତାହାଙ୍କ ପ୍ରତି କର୍ତ୍ତବ୍ୟ ନିଷ୍ଠ ହୋଇ ଭକ୍ତି ପ୍ରଦର୍ଶନ କରାଯାଉ । ହ. ଇବ୍ରାହିମ୍ ଅ.ସ ଯେଉଁ ସାମୀପ୍ୟତା ପ୍ରାପ୍ତ କରିଥିଲେ ତାହାର ମୂଳ କାରଣ ଥିଲା, ନିଷ୍ଠା ଓ ପ୍ରଭୁଙ୍କ ପ୍ରସନ୍ନତା । ଅତଏବ୍ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କହିଲେ, **ଓ ଇବ୍ରାହିମଲ୍ଲଜି ଓଫ୍ଫା । (ଅନ୍ ନଜମ୍:38)** ଅର୍ଥାତ୍ ଇବ୍ରାହିମ୍ ଅ.ସ ହିଁ ସେହି ପ୍ରକୃତ ଭକ୍ତ ଯେକି ପୂର୍ଣ୍ଣ ବିଶ୍ୱସ୍ତତା ଏବଂ ନିଷ୍ଠାମୂଳକ ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି । ତେଣୁ ଅଲ୍ଲାଃତାଲାଙ୍କ ସହିତ ପୂର୍ଣ୍ଣ ବିଶ୍ୱସ୍ତତା ଏବଂ ନିଷ୍ଠାପରତା, ସତ୍ୟବାଦୀତା ପ୍ରଦର୍ଶନ କରିବା ଏକ ମୃତ୍ୟୁକୁ ଅପେକ୍ଷା କରିଥାଏ । ଯେପର୍ଯ୍ୟନ୍ତ ମନୁଷ୍ୟ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଏବଂ ଅନୁଗ୍ରହତାକୁ ସାଂସାରିକ ମୋହ ମାୟା, ସୁଖ ସ୍ୱାଚ୍ଛନ୍ଦ୍ୟକୁ ଏବଂ ତା'ର ଚାକଚକ୍ୟତାକୁ ପରିତ୍ୟାଗ କରିବା ପାଇଁ ପ୍ରସ୍ତୁତ ନହୋଇଛି, ପ୍ରତ୍ୟେକ ପ୍ରକାରର ତିରସ୍କାର, କଠୋରତା, ଅଭାବ ଓ ଅନଟନତାକୁ ସହ୍ୟ କରିବା ପାଇଁ ପ୍ରସ୍ତୁତ ନହୋଇଛି ସେପର୍ଯ୍ୟନ୍ତ ତା' ଠାରେ ହ. ଇବ୍ରାହିମ୍ ଅ.ସଙ୍କ ଭଳି ସଚ୍ଚୋଟ ଭାକ୍ତିକତା, ବିଶ୍ୱସ୍ତତା ତଥା ନିଷ୍ଠାପରତା ସୁଲଭ ଭଳି ସୁଗୁଣାବଳୀ ଆଦୌ ସୃଷ୍ଟି ହୋଇପାରିବ ନାହିଁ । ପ୍ରତିମା ପୂଜା କହିଲେ ଏହା ବୁଝାଯାଏ ନାହିଁ ଯେ, ମନୁଷ୍ୟ କୌଣସି ବୃକ୍ଷ କିମ୍ବା କୌଣସି ପଥରକୁ ପୂଜା କରୁ। ବରଂ ପ୍ରତ୍ୟକ ସେହି ବସ୍ତୁ ଯାହାକି ମନୁଷ୍ୟକୁ ପ୍ରଭୁଙ୍କ ସାମୀପ୍ୟତ ପ୍ରାପ୍ତି ଠାରୁ ଅଟକାଇ ଦେଇଥାଏ ବା ଦୂରେଇ ଦେଇଥାଏ ଏବଂ ଏହି ସବୁ ସୁଖ ସ୍ୱାଚ୍ଛନ୍ଦ୍ୟକୁ ମନୁଷ୍ୟ ପ୍ରାଧାନ୍ୟ ଦିଏ ତେବେ ସେପରିପ୍ରେକ୍ଷୀରେ ତାହାକୁ ପିତୁଳା ବା ପ୍ରତିମା ପୂଜା ବୋଲି ଅଭିହିତ ଓ ଆଖ୍ୟାୟିତ ହୁଏ । ଏହିଭଳି ସ୍ୱଭାବ ଯଦି ମନୁଷ୍ୟ ନିଜ ମଧ୍ୟରେ ରଖେ ତେବେ ସେ ତତ୍‌ସଂକ୍ରାନ୍ତରେ ଜାଣି ପାରିନଥାଏ ଯେ, ସେ ପ୍ରତିମା ପୂଜା କରୁଛି କିମ୍ବା କୌଣସି ଦେବାଦେବୀ ଅବା ବୃକ୍ଷକୁ ପୂଜା କରୁଛି? ସୁତରାଂ ଯେପର୍ଯ୍ୟନ୍ତ ମନୁଷ୍ୟ ପୂର୍ଣ୍ଣ ରୂପେ ଈଶ୍ୱରଙ୍କର ହୋଇଯାଇ ନାହିଁ ଓ ତାହାଙ୍କ ମାର୍ଗରେ ପ୍ରତ୍ୟେକ ପ୍ରକାରର ଦୁଃଖ କଷ୍ଟ ଏବଂ ପ୍ରତ୍ୟେକ ପ୍ରକାରର ପୀଡ଼ା-ଯନ୍ତ୍ରଣା ତଥା ବିପଦକୁ ସହ୍ୟ କରିବା ନିମନ୍ତେ ପ୍ରସ୍ତୁତ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ତା' ମଧ୍ୟରେ ବିଶ୍ୱସ୍ତତା ଏବଂ ନିଷ୍ଠାପରତା ଭଳି ସୁଗୁଣାବଳୀ ସୃଷ୍ଟି ହେବା ଅତ୍ୟନ୍ତ କଷ୍ଟକର । ହ. ଇବ୍ରାହିମ୍ ଅ.ସଙ୍କୁ ଯେଉଁ ଉପାଧିଟି ପ୍ରାପ୍ତ ହୋଇଛି ତାହା ସହଜରେ ପ୍ରାପ୍ତ ହୋଇଯାଇ ନଥିଲା ? ଅର୍ଥାତ **ଓ ଇବ୍ରାହିମଲ୍ଲଜି ଓଫ୍ଫା** । ବରଂ ହ. ଇବ୍ରାହିମ୍ ଅ.ସଙ୍କୁ ସେହି ସ୍ୱର ସେତେବେଳେ ଶୁଭିଲା ଯେତେବେଳେ ସେ ନିଜର ନୟନର ତାରାକୁ ଅଲ୍ଲାଃତାଲାଙ୍କ ମାର୍ଗରେ ବଳିଦାନ ଦେବା ପାଇଁ ପ୍ରସ୍ତୁତ ହୋଇଯାଇଥିଲେ । ଅଲ୍ଲାଃତାଲା କର୍ମକୁ ପସନ୍ଦ କରିଥାଆନ୍ତି ଏବଂ କର୍ମ ଦ୍ୱାରା ହିଁ ସେ ଭକ୍ତ ଉପରେ ପ୍ରସନ୍ନ ହୋଇ ଥାଆନ୍ତି । ବେଳେବେଳେ ସୁକର୍ମ ଅତ୍ୟନ୍ତ କଷ୍ଟରେ ସମ୍ପାଦିତ ହୋଇଥାଏ । କିନ୍ତୁ ଯେତେବେଳେ ମନୁଷ୍ୟ ପ୍ରଭୁଙ୍କ ସକାଶେ ଦୁଃଖ କଷ୍ଟ ସହ୍ୟ କରିବା ପାଇଁ ପ୍ରସ୍ତୁତ ହୋଇଯାଏ ସେତେବେଳେ ଅଲ୍ଲାଃତାଲା ତାହାକୁ ଦୁଃଖ କଷ୍ଟର ଜଞ୍ଜାଳରେ ପକାନ୍ତି ନାହିଁ । ଦେଖ ! ହ. ଇବ୍ରାହିମ୍ ଅ.ସ ଯେତେବେଳେ ଅଲ୍ଲାଃତାଲାଙ୍କ ଆଜ୍ଞାପାଳନ ସକାଶେ ନିଜର ପ୍ରିୟ ପୁତ୍ରକୁ ବଳିଦାନ ଦେବା ନିମନ୍ତେ ପ୍ରସ୍ତୁତ ହୋଇଗଲେ ସେତେବେଳେ ଅଲ୍ଲାଃତାଲା ମଧ୍ୟ ତାଙ୍କର ସୁପୁତ୍ର ହ. ଇସ୍‌ମାଇଲ୍ ଅ.ସଙ୍କୁ ବଞ୍ଚାଇ ନେଲେ । ହ. ଇବ୍ରାହିମ୍ ଅ.ସଙ୍କୁ ଅଗ୍ନୀରେ ନିକ୍ଷେପ କରି ଦିଆଗଲା କିନ୍ତୁ ଅଗ୍ନୀ ତାଙ୍କ ଉପରେ ନିଜର କୌଣସି ପ୍ରଭାବ ପକାଇ ପାରିଲା ନାହିଁ । ଅର୍ଥାତ ତାଙ୍କୁ ଦଗ୍ଧୀଭୂତ କରିପାରିଲା ନାହିଁ ।

ତେଣୁ ଅଲ୍ଲାଃତାଲାଙ୍କ ମାର୍ଗରେ ଦୁଃଖ ଯନ୍ତ୍ରଣା ସହ୍ୟ କରିବା ପାଇଁ ଯେଉଁ ଭକ୍ତ ପ୍ରସ୍ତୁତ ହୋଇଯାଏ ତେବେ ସେ ପରିପ୍ରେକ୍ଷୀରେ ଅଲ୍ଲାଃତାଲା ମଧ୍ୟ ତାହାକୁ ବଞ୍ଚାଇ ନିଅନ୍ତି । ମାନବ ହାତରେ ଶରୀର ତ' ରହିଛି କିନ୍ତୁ ଆତ୍ମା ମନୁଷ୍ୟ ହାତରେ ନାହିଁ । ଏହା ପ୍ରଭୁଙ୍କ ହାତ ମୁଠାରେ ଅଛି । କିନ୍ତୁ ତହିଁରେ କୌଣସି ସଂଶୟ ଓ ମତଦ୍ୱୈଧ ନାହିଁ ଯେ, ଆତ୍ମାର ସଂପର୍କ ଶରୀର ସହିତ ରହିଛି ଏବଂ ଶାରୀରୀକ ପ୍ରସଙ୍ଗର ପ୍ରଭାବ ମଧ୍ୟ ଆତ୍ମା ଉପରେ ଅବଶ୍ୟ ପଡ଼ିଥାଏ । ତେଣୁ ଏହା ଭାବିବା ଆଦୌ ଉଚିତ ନୁହଁ ଯେ, ଆତ୍ମା ଉପରେ ଶରୀରର କୌଣସି ପ୍ରଭାବ ପଡ଼ି ନଥାଏ । ମନୁଷ୍ୟ ଯେଉଁଭଳି ନିଜର କର୍ମ ସମ୍ପାଦନ କରିଥାଏ ତାହା ଆତ୍ମା ଏବଂ ଶରୀରର ମିଳିତ ଉଦ୍ୟମ ଦ୍ୱାରା ହିଁ ସମ୍ଭବପର ହୋଇଥାଏ। ଅର୍ଥାତ କେବଳ ଶରୀର କିମ୍ବା କେବଳ ଆତ୍ମା କୌଣସି ସୁକର୍ମ ବା କୁକର୍ମ କରି ନଥାଏ । ଏହି କାରଣରୁ ପୁରସ୍କାର ଏବଂ ଶାସ୍ତିରେ ମଧ୍ୟ ଉଭୟ ପ୍ରସଙ୍ଗକୁ ଗୁରୁତ୍ୱ ଦିଆଯାଇଛି। କେତେକ ଲୋକମାନେ ଏହି ରହସ୍ୟକୁ ନବୁଝି ନବିଚାରିବା ଯୋଗୁଁ ଆପତ୍ତି କରି ଦିଅନ୍ତି ଯେ, ମୁସଲମାନମାନଙ୍କର ସ୍ୱର୍ଗପୁର ଶାରୀରକ ବା ସାତ୍ତ୍ୱିକ ଅଟେ। କିନ୍ତୁ ସେମାନେ ସାମାନ୍ୟ ଜାଣନ୍ତି ନାହିଁ ଯେ, ଯେତେବେଳେ କର୍ମ ସମ୍ପାଦନ କରିବାରେ ଶରୀରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା ତେବେ ପୁରସ୍କାର ସମୟରେ କାହିଁକି ତାହାକୁ ପୃଥକ କରାଯିବ ? କହିବାର ଅଭିପ୍ରାୟ ଏହିକି ଯେ, ଇସଲାମ୍ ଧର୍ମ ଉଭୟ ପନ୍ଥାକୁ ଅର୍ଥାତ ଅତିଶୟୋକ୍ତି ଏବଂ ଅତିଶୟୋକ୍ତିହୀନତା ପନ୍ଥାକୁ ପରିତ୍ୟାଗପୂର୍ବକ ମଧ୍ୟବର୍ତ୍ତୀ ମାର୍ଗକୁ ଅବଲମ୍ବନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛି। ଏହି ଦୁଇଟି କଥା ଅତ୍ୟନ୍ତ ଭୟଙ୍କର କଥା ଅଟେ । ତହିଁରୁ ନିବୃତ୍ତ ରହିବା ଉଚିତ । ଅର୍ଥାତ୍ ବ୍ରହ୍ମଚାରୀ ଜୀବନ ଅତିବାହିତ କରିବା ଏବଂ ନିଜର ଶରୀରକୁ ଦୁଃଖ କଷ୍ଟ ଦେବା ଫଳରେ କିଛି ପ୍ରାପ୍ତ ହୋଇ ନଥାଏ ଓ ବିଶ୍ରାମ ପ୍ରାପ୍ତରୁ ମଧ୍ୟ କୌଣସି ଫଳାଫଳ ବାହାରି ନଥାଏ । **(ମଲଫୁଜାତ୍, ଭାଗ-4, ପୃ-188-187, ପ୍ରକାଶନ ବର୍ଷ-1984 ମସିହା)** ଶରୀରକୁ ଦୁଃଖ କଷ୍ଟରେ ପକାଇବା ଦ୍ୱାରା ମଧ୍ୟ ଶରୀରକୁ କୌଣସି କୌଣସି ସୁଖ ପ୍ରାପ୍ତ ହୋଇ ନଥାଏ ଏବଂ କେବଳ ବିଶ୍ରାମ ଯଦି କର ତେବେ ତାହା ମଧ୍ୟ କୌଣସି ସୁଫଳ ମିଳିବ ନାହିଁ । ଏଥିପାଇଁ ଶରୀରକୁ ଆତ୍ମା ସହିତ ଯୋଗ କରିବା ଏକାନ୍ତ ଅପରିହାର୍ଯ୍ୟ । ଦୁଆ କାଳରେ ମଧ୍ୟ ପରୀକ୍ଷା ଦେବାକୁ ପଡ଼ିଥାଏ ।

ହ. ମସିହ୍ ମଉଦ୍ ଅ.ସ ହ. ମୁସା ଅ.ସଙ୍କ ସଂପ୍ରଦାୟର ଉଦାହରଣ ଦେଇ କୁହନ୍ତି ଯେ, ହ. ମୁସା ଅ.ସଙ୍କ ଉପରେ କିପରି ବିପତ୍ତି ଆସିଥିଲା ଏବଂ କିପରି ସେହି ବିପତ୍ତିମୂଳକ ପରିସ୍ଥିତର ପରୀକ୍ଷା ସମୟ ତାଙ୍କ ଉପରେ ପ୍ରଲମ୍ବିତ ହୋଇଥିଲା। ତତ୍‌ସଂକ୍ରାନ୍ତରେ ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ପ୍ରତ୍ୟେକ କାର୍ଯ୍ୟ ସକାଶେ ଏକ ଯୁଗ ନିୟତିକୃତ ହୋଇଥାଏ ଏବଂ ପବିତ୍ରାତ୍ମା ବ୍ୟକ୍ତିମାନେ ସେହି ଯୁଗକୁ ଦୀର୍ଘ ବର୍ଷ ଧରି ଅପେକ୍ଷା କରି ବସି ଥାଆନ୍ତି ଏବଂ ଯେଉଁମାନେ ସେହି ଯୁଗକୁ ତୁରନ୍ତ ପ୍ରାପ୍ତ କରିବାକୁ ପ୍ରୟାସ କରନ୍ତି ଏବଂ ଏହି ଆଶା ନିଜ ମନ ଭିତରେ ପୋଷଣ କରନ୍ତି ଯେ, (ସେମାନଙ୍କୁ) ଏହାର ପରିଣାମ ତୁରନ୍ତ ପ୍ରାପ୍ତ ହେଉ ତେବେ ସେମାନେ ଆଦୌ କୃତ୍‌କାର୍ଯ୍ୟ ହୁଅନ୍ତି ନାହିଁ । ବରଂ ଅକୃତକାର୍ଯ୍ୟ ହୋଇ ରୁହନ୍ତି । ମୋ ନିକଟରେ ଏହା ସମ୍ଭାବ୍ୟ ଯେ, ଦୁଆ କାଳରେ ଆହୁରି ପରୀକ୍ଷା ତଥା ବିପତ୍ତି ଆସିଯାଉ ।

ଯେତେବେଳେ ହ. ମୁସା ଅ.ସ ବନି ଇସ୍ରାଇଲ୍ ସଂପ୍ରାଦୟକୁ ଫିରଔନ୍‌ର ବର୍ବରତା, ଏବଂ ଦାସତ୍ୱ ବନ୍ଧନ ତଥା ଶିକୁଳିରୁ ମୁକ୍ତି ପ୍ରଦାନ କରିବା ପାଇଁ ଆସିଲେ ସେତେବେଳେ ମିସରରେ ତାଙ୍କ ଉପରେ ଫିରଔନ୍ ଏହି କାର୍ଯ୍ୟ ନ୍ୟସ୍ତ କଲା ଯେ, ସେ ଅଧା ଦିନ ଇଟା ତିଆରି କରନ୍ତୁ ଏବଂ ଅଧା ଦିନ ନିଜର ବ୍ୟକ୍ତିଗତ କାର୍ଯ୍ୟ ସମ୍ପାଦନ କରନ୍ତୁ । ଅଧା ଦିନର ଛୁଟି ହେଉଥିଲା ତାଙ୍କର ଏବଂ ଅଧା ଦିନ ଫିରଔନ୍‌ର କାର୍ଯ୍ୟ କରିବାକ ପଡୁଥିଲା । କିନ୍ତୁ ହ. ମୁସା ଅ.ସ ଯେତେବେଳେ ବନି ଇସ୍ରାଇଲର ସଂପ୍ରଦାୟକୁ ମୁକ୍ତି ପ୍ରଦାନ କରିବା ପାଇଁ ଉଦ୍ୟମ ଆରମ୍ଭ କଲେ ସେତେବେଳେ ଉପଦ୍ରବକାରୀଙ୍କ ଉପଦ୍ରବ ମାଧ୍ୟମରେ ବନି ଇସ୍ରାଇଲ୍‌ର କାର୍ଯ୍ୟ ସମୟ ବା ଅବଧିକୁ ଆହୁରି ବୃଦ୍ଧି କରିଦିଆଗଲା । ଅର୍ଥାତ ଏହା ଶାସ୍ତି ରୂପେ ଥିଲା । ହ. ମୁସା ଅ.ସଙ୍କୁ କୁହାଗଲା ଯେ, ତୁମେ ଅଧା ଦିନ ଇଟା ତିଆରି କର ଏବଂ ଅଧା ଦିନ ତୁମେ ଘାସ କାଟି ଆଣିବ । ଏହି କାର୍ଯ୍ୟ ଫିରଔନ୍ ପାଇଁ ହିଁ ଉଦ୍ଦିଷ୍ଟ ହେବ । ନିଜର କାମ ପାଇଁ ହ. ମୁସା ଅ.ସଙ୍କ ନିକଟରେ କୌଣସି ସମୟ ନଥିଲା । ହ. ମୁସା ଅ.ସଙ୍କୁ ଯେତେବେଳେ ଫିରଔନ୍‌ର ଏହି ଆଦେଶ ପ୍ରାପ୍ତ ହେଲା ଓ ସେ ଯେତେବେଳେ ନିଜ ସଂପ୍ରଦାୟକୁ ଏହି ଆଦେଶ ସଂକ୍ରାନ୍ତରେ ଶୁଣାଇଲା ସେତେବେଳେ ସେମାନେ ଅସନ୍ତୋଷ ଓ ବିକ୍ଷୁବ୍ଧ ଭାବ ବ୍ୟକ୍ତ କଲେ। ସେମାନେ କହିଲେ ଯେ, ହେ ମୁସା ! ଈଶ୍ୱର ତୁମକୁ ସେହି ଦୁଃଖ ପ୍ରଦାନ କରନ୍ତୁ ଯାହା ସେ ଆମମାନଙ୍କୁ ପ୍ରଦାନ କରିଛନ୍ତି ଏବଂ ସେମାନେ ହ. ମୁସା ଅ.ସଙ୍କୁ କହିଲେ ଆମେମାନେ ଆହୁରି ଆପଣଙ୍କୁ ଅଭିଶାପ ଦେବୁ । କିନ୍ତୁ ହ. ମୁସା ଅ.ସ ସେମାନଙ୍କୁ ଏହା ହିଁ କହିଲେ ଯେ, ହେ ମୋ ଜାତିର ଲୋକ ! ତୁମେମାନେ ଧୈର୍ଯ୍ୟ ଧର । ତୌରାତ୍‌ରେ ଏହି ସମସ୍ତ ଘଟଣା ବୃତ୍ତାନ୍ତ ବର୍ଣ୍ଣିତ ହୋଇଛି ଯେ, ହ. ମୁସା ଅ.ସ ସେମାନଙ୍କୁ ଯେଉଁଭଳି ଧୈର୍ଯ୍ୟ ପ୍ରଦର୍ଶନ କରିବା ପାଇଁ କହୁଥିଲେ ସେହିଭଳି

### ହଦିସେ ନବଓ୍ୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

### ହ.ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,
Jamat Ahmadiya Kerang (Odisha)

ସେମାନେ ଉତ୍କ୍ଷିପ୍ତ ହୋଇ ଯାଉଥିଲେ ଏବଂ ଆହୁରି କ୍ରୋଧାନ୍ୱିତ ହୋଇ ଯାଉଥିଲେ । ପରିଶେଷରେ ମିସରରୁ ପଳାୟନ ତଥା ପ୍ରବାସ କରିବା ନିମନ୍ତେ ପ୍ରସ୍ତାବ ଦିଆଗଲା ଏବଂ ମିସରବାସୀଙ୍କର ଲୁଗାପଟା ଓ ବାସନ କୁସନ ଆଦି ଯାହାକୁ ସେ ନିଜ ସାଙ୍ଗରେ ଘିନି ଆଣିଥିଲେ ତାହାକୁ ସାଙ୍ଗରେ ଧରିଲେ ଏବଂ ତାଙ୍କୁ ଯାହା କିଛି ବି ମିଳିଥିଲା ତାହାକୁ ମଧ୍ୟ ସାଙ୍ଗରେ ନେଇ ନେଲେ । ଅତଏବ ହ. ମୁସା[ଅ.ସ] ଯେତେବେଳେ ନିଜର ଜାତିକୁ ଧରି ଆଗକୁ ବାହାରିଗଲେ ସେତେବେଳେ ଫିରଔନ୍ ନିଜର ସୈନ୍ୟସାମନ୍ତଙ୍କୁ ଧରି ସେମାନଙ୍କ ପିଛା କଲା । ବନି ଇସ୍ରାଇଲ୍ ସଂପ୍ରଦାୟ ଯେତେବେଳେ ଏହା ଉପଲବ୍ଧି କଲା ଯେ, ଫିରଔନ୍‌ର ସୈନ୍ୟବାହିନୀ ସେମାନଙ୍କ ନିକଟବର୍ତ୍ତୀ ହୋଇ ଯାଇଛି ସେତେବେଳେ ସେମାନେ ବିଚଳିତ ଏବଂ ଅଧୀର ହୋଇ ପଡ଼ିଲେ । ସୁତରାଂ ପବିତ୍ର କୁରଆନ କରୀମ୍‌ରେ ତତ୍‌ସଂକ୍ରାନ୍ତୀୟ ଉଲ୍ଲେଖ ମଧ୍ୟ ରହିଛି ଯେ, ହ. ମୁସା[ଅ.ସ]ଙ୍କ ସଂପ୍ରଦାୟର ଲୋକମାନେ ସେହି ପରିସ୍ଥିତିରେ ଚିତ୍କାର ଓ ଆର୍ତ୍ତନାଦ କରି କହିଲେ ହେ ମୁସା ! **ଇନ୍ନା ଲମୁଦ୍‌ରକୁନ୍ ।** ଅର୍ଥାତ ଆମେ ତ' ଧରା ପଡ଼ିଗଲୁ । କିନ୍ତୁ ହ. ମୁସା[ଅ.ସ] ଯିଏ ଅବତାରତ୍ୱର ଚକ୍ଷୁ ମାଧ୍ୟମରେ ପିରଣାମକୁ ଦେଖୁଥିଲେ ସେ ନିଜ ସଂପ୍ରଦାୟରେ ଲୋକମାନଙ୍କୁ ଏହା ହିଁ କହିଲେ, **କଲ୍ଲା ଇନ୍ନା ମାଇୟା ରବବି ସୟହଦିନି । (ଅଶ୍ ଶୋଅରା:63)** ଅର୍ଥାତ ଏପରି କଦାପି ହେବା ନାହିଁ ଆମ୍ଭର ପାଳନ କର୍ତ୍ତା ଆମ୍ଭ ସହିତ ଅଛନ୍ତି ଓ ସେ ଆମ୍ଭଙ୍କୁ ଅବଶ୍ୟ ସଫଳତାର ପଥ ପ୍ରଦର୍ଶନ କରାଇବେ ।

ତୌରାତ୍‌ରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ସେମାନେ ଏହା ମଧ୍ୟ କହିଲେ ଯେ, ହେ ମୁସା ! କ'ଣ ମିସର୍‌ର ଭୂମି ଆମମାନଙ୍କ ପାଇଁ କବର ପରି ନଥିଲା । ଏହି ଅଧୀରତା ସେମାନଙ୍କ ମନରେ ଏଇଥିପାଇଁ ସୃଷ୍ଟି ହେଲା ଯେ, ପଛରେ ଫିରଔନ୍‌ର ସୈନ୍ୟବାହିନୀ ଏବଂ ଆଗରେ ନୀଳ ସାଗର । ସେମାନେ କହୁଥିଲେ, ହେ ମୁସା! ଆମେମାନେ ଯଦି ମିସର ଭୂମିରେ ରହିଥାଆନ୍ତୁ ତେବେ ସେଠାରେ ମଧ୍ୟ ମୃତ୍ୟୁ ବରଣ କରିଥାଆନ୍ତୁ ଏବଂ ସେଠାରେ ମଧ୍ୟ ଆମକୁ ସମାଧି ଦିଆଯାଇଥାଆନ୍ତା । ବର୍ତ୍ତମାନ ତ' ଅତ୍ୟନ୍ତ ବିଷମ ପରିସ୍ଥିତି ଦେଇ ଗତି କରୁଛେ । ଅର୍ଥାତ ଆଗରେ ନୀଳ ସାଗର ଏବଂ ପଛରେ ଫିରଔନ୍‌ର ବିଶାଳ ସୈନ୍ୟବାହିନୀ ଯିଏ ଆମ ସମସ୍ତଙ୍କୁ ହତ୍ୟା କରିବା ପାଇଁ ଚାଲି ଆସୁଛି । ସେମାନେ ସମସ୍ତେ ବ୍ୟସ୍ତ ବିବ୍ରତ ଥିଲେ । ସେମାନେ ଏହା ଉପଲବ୍ଧି କରୁଥିଲେ ଯେ, ନା ଆମେ ଆଗକୁ ଯାଇ ମୃତ୍ୟୁରୁ ବର୍ତ୍ତି ପାରିବୁ ଓ ନା ହିଁ ପଛକୁ ଯାଇ ମୃତ୍ୟୁରୁ ବର୍ତ୍ତି ପାରିବୁ। କିନ୍ତୁ ଅଲ୍ଲାଃତାଲା ହେଉଛନ୍ତି ସର୍ବ ଶକ୍ତିମାନ୍ । ନୀଳ ସାଗରରୁ ସେମାନଙ୍କୁ ଏକ ମାର୍ଗଟିଏ ମିଳିଗଲା ଏବଂ ସମସ୍ତ ବନି ଇସ୍ରାଇଲ୍‌ର ଲୋକମାନେ ସକୁଶଳେ ସମୁଦ୍ର ସିନ୍ଧୁ ପାରି ହୋଇଗଲେ । କିନ୍ତୁ ଫିରଔନ୍‌ର ସୈନ୍ୟବାହିନୀ ପାଣିରେ ବୁଡ଼ି ପ୍ରାଣ ହରାଇଲା । ଏହା ଏକ ଭବ୍ୟ ତଥା ଅପୂର୍ବ ଓ ଅଲୌକିକ ମହା ନିଦର୍ଶନ ଥିଲା ଯାହାକୁ ଅଲ୍ଲାଃତାଲା ଏଭଳି ସମୟରେ ପ୍ରାଦୁର୍ଭୂତ କରିଥିଲେ ଏବଂ ଏହିଭଳି ଚମତ୍କାର ଧର୍ମପରାୟଣ ବ୍ୟକ୍ତି ସହିତ ପ୍ରଦର୍ଶନ ହୋଇଥାଏ । ଅର୍ଥାତ ପ୍ରତ୍ୟେକ ପ୍ରକାରର ଦୁଃଖ ଯନ୍ତ୍ରଣା ଏବଂ ଅଭାବ ଓ ଅନଟନରୁ ଧର୍ମପରାୟଣ ବ୍ୟକ୍ତିକୁ ମୁକ୍ତି ମିଳିଥାଏ ଓ ସଦ୍‌ମାର୍ଗ ମଧ୍ୟ ପ୍ରାପ୍ତ ହୋଇଥାଏ । ଅର୍ଥାତ ଅଲ୍ଲାଃତାଲାଙ୍କ ଦ୍ୱାରା ଅବତୀର୍ଣ୍ଣ ପବିତ୍ର କୁର୍‌ଆନୀୟ ବାଣୀ ଅନୁଯାୟୀ **ୟଜ୍‌ଅଲୁ ଲହୁ ମଖ୍‌ରଜନ୍ । (ଅତ୍ ତଲାକ: 3)** ଅତଃ ବେଳେବେଳେ ଏହା ମଧ୍ୟ ହୋଇଥାଏ ଯେ, ଦୁଆ ଏବଂ ତା'ର ଗ୍ରହଣୀୟ କାଳର ମଧ୍ୟବର୍ତ୍ତୀ ସମୟରେ ପରୀକ୍ଷା ମଧ୍ୟ ଆସିଥାଏ ଏବଂ ଏଭଳି ପରୀକ୍ଷା ଆସିଯାଏ ଯାହାକି ଦୁଆକାରୀ ବ୍ୟକ୍ତି ପକ୍ଷେ ଅଣ୍ଟାଭଙ୍ଗା ସାବ୍ୟସ୍ତ ହୋଇଥାଏ । କିନ୍ତୁ ସଦାଚାରୀ ଓ ପୁଣ୍ୟ ସ୍ୱଭାବର ବ୍ୟକ୍ତିମାନେ ସେହି ବିପତ୍ତି ଏବଂ ପରୀକ୍ଷାରୁ ନିଜ ପ୍ରଭୁଙ୍କ କୃପାରୁ ସୁଗନ୍ଧକୁ ଶୁଙ୍ଘି ଥାଆନ୍ତି ଏବଂ ବୌଦ୍ଧିକପୂର୍ଣ୍ଣ ଦୃଷ୍ଟିରେ ସେହି କୃପାକୁ ସେମାନେ ଅବଲୋକନ କରି ଥାଆନ୍ତି । ଫଳତଃ ଅଲ୍ଲାଃତାଲାଙ୍କର ସାହାଯ୍ୟ ଘଡ଼ି ଆସି ଯାଇଥାଏ ।

ବେଳେବେଳେ ଏହା ମଧ୍ୟ ହୋଇଥାଏ ଯେ, ଦୁଆ ଏବଂ ତା'ର ଗ୍ରହଣୀୟ କାଳର ମଧ୍ୟବର୍ତ୍ତୀ ସମୟରେ ପରୀକ୍ଷା ମଧ୍ୟ ଆସିଥାଏ ଏବଂ ଏଭଳି ପରୀକ୍ଷା ଆସିଯାଏ ଯାହାକି ଅଣ୍ଟାଭଙ୍ଗା ହୋଇଥାଏ । କିନ୍ତୁ ସଦାଚାରୀ ଓ ପୁଣ୍ୟ ସ୍ୱଭାବର ବ୍ୟକ୍ତିମାନେ ସେହି ବିପତ୍ତି ଏବଂ ପରୀକ୍ଷାରୁ ନିଜ ପ୍ରଭୁଙ୍କ କୃପାରୁ ସୁଗନ୍ଧକୁ ଆଘ୍ରାଣ (ଶୁଙ୍ଘି) ଥାଆନ୍ତି ଏବଂ ବୌଦ୍ଧିକପୂର୍ଣ୍ଣ ଦୃଷ୍ଟିରେ ସେହି କୃପାକୁ ସେମାନେ ଅବଲୋକନ କରି ଥାଆନ୍ତି । ଫଳତଃ ଅଲ୍ଲାଃତାଲାଙ୍କର ସାହାଯ୍ୟ ଘଡ଼ି ଆସି ଯାଇଥାଏ । ସେହି ପରୀକ୍ଷା ଆସିବାରେ ଏକ ରହସ୍ୟ ମଧ୍ୟ ରହିଛି ଯେ, ଦୁଆ ପାଇଁ ଉତ୍ସାହ ଅଭିବୃଦ୍ଧି ହୋଇଥାଏ । କାରଣ ଯେଉଁଭଳି ଭାବରେ ଅଧୈର୍ଯ୍ୟତା ଏବଂ ଅଧୀରତା ବୃଦ୍ଧି ପାଇବ ସେହିଭଳି ଭାବରେ ତାହା ଆତ୍ମାରେ ପ୍ରବିଷ୍ଟ ହୋଇଯିବ । ଏହା ଦୁଆ ସ୍ୱୀକୃତ ହେବାର ସାଧନ ମଧ୍ୟରୁ ଅନ୍ୟତମ ଅଟେ । ପ୍ରାର୍ଥନାରେ ବିନୀତତା, ବିନମ୍ରତା, ନିର୍ଲୋଭତା, ଅଧୀରତା, ଧୈର୍ଯ୍ୟହୀନତା ସୃଷ୍ଟି ହେବା ଫଳରେ ନିଜର ପ୍ରଭୁଙ୍କ ଉପରେ କୁଧାରଣା ସୃଷ୍ଟି ହେବା ଅନୁଚିତ । ଏପରି ଭାବିବା ଆଦୌ ସମୀଚୀନ ହେବ ନାହିଁ ଯେ, ମୋର ଦୁଆ ପ୍ରଭୁ ଶୁଣିବେ ନାହିଁ କିମ୍ବା ସ୍ୱୀକୃତ ହେବ ନାହିଁ । ଅତଏବ ଏହିଭଳି କୁଧାରଣା ଅଲ୍ଲାଃତାଲାଙ୍କ ପ୍ରତି ନିଜ ମନ ଭିତରେ ପୋଷଣ କରିବା ଫଳରେ ଅଲ୍ଲାଃତାଲାଙ୍କ ବିଶେଷତାକୁ ପ୍ରତ୍ୟାଖ୍ୟାନ କରିବା ସହ ତୁଲ୍ୟ ଏବଂ ମନୁଷ୍ୟ ସେତେବେଳେ କହିଥାଏ ଯେ, ଈଶ୍ୱର ମୋର ପ୍ରାର୍ଥନାକୁ ସ୍ୱୀକାର କରନ୍ତି ନାହିଁ ।

**(ମଲ୍‌ଫୁଜାତ୍, ଭାଗ-4, ପୃ-433-435, ପ୍ରକାଶନ ବର୍ଷ-1984 ମସିହା)**

ଯଦି ଅଲ୍ଲାଃତାଲାଙ୍କ ବିପକ୍ଷରେ ଏହିପରି ପରିସ୍ଥିତି ସୃଷ୍ଟି ହୋଇଯାଏ ତେବେ ନାସ୍ତିକବାଦ ଆଡ଼କୁ ପାଦ ଅଗ୍ରସର ହୋଇଥାଏ ଏବଂ ଆଜିକାଲି ଧର୍ମ ଏବଂ ଈଶ୍ୱର ବିରୋଧୀ ଓ ନାସ୍ତିକବାଦୀ ସମର୍ଥନକାରୀମାନଙ୍କର ସମସ୍ତ ଧ୍ୟାନ ଉକ୍ତ ପ୍ରସଙ୍ଗ ପ୍ରତି କେନ୍ଦ୍ରିତ ହୋଇ ରହିଛି ଯେ, ଲୋକମାନଙ୍କ ମନରେ ଏହି କଥା ବସା ବାନ୍ଧି ଦିଆଯାଉଛି ଯେ, ଈଶ୍ୱର ତୁମକୁ କ'ଣ ଟା ଦେଇଛନ୍ତି ? ଧର୍ମ ତୁମକୁ ଆହୁରି ଆଳସ୍ୟପରାୟଣ କରିଦେଇଛି । ଧର୍ମ ମନ ଭିତରେ ଖାଲି କାଳ୍ପନିକ କଥା ଓ ଅବାନ୍ତର ଭ୍ରାନ୍ତ ଧାରଣା ସୃଷ୍ଟି କରିଥାଏ । ଏଭଳି ପରିସ୍ଥିତିରେ ପ୍ରତ୍ୟେକ ଅହେମଦିର ଏହି କର୍ତ୍ତବ୍ୟ ହେବା ଉଚିତ୍ ଯେ, ଅଲ୍ଲାଃତାଲାଙ୍କ ସହିତ ନିଜର ସଂପର୍କକୁ ଅଧିକ ସୁଦୃଢ଼ କରାଯାଉ । ନିଜ ଉପାସନାର ସୁରକ୍ଷା ଓ ଦୁଆ ଉପରେ ପୂର୍ଣ୍ଣ ବିଶ୍ୱାସ ରଖିବା ହିଁ ଜଣେ ପ୍ରକୃତ ଅହେମଦିର ପରମ କର୍ତ୍ତବ୍ୟ ଅଟେ । ଅଲ୍ଲାଃତାଲାଙ୍କ ସହିତ ନିଜର ସଂପର୍କ ସାମୟିକ ନହୋଇ ବରଂ ସାର୍ବକାଳୀକ ହେବା ଉଚିତ । ସେହିପରି କେବଳ ଆବଶ୍ୟକ ସମୟରେ ଅଲ୍ଲାଃତାଲାଙ୍କ ସହିତ ସଂପର୍କ ନଯୋଡ଼ି ଏବଂ ତାହାଙ୍କର ଉପାସନା କର ନଯାଉ । ବରଂ ଶାନ୍ତି, ସନ୍ତୁଷ୍ଟ ଓ ସୁଖ ସମୃଦ୍ଧି ପରିସ୍ଥିତିରେ ମଧ୍ୟ ଅଲ୍ଲାଃତାଲାଙ୍କ ସହିତ ନିଜର ସଂପର୍କ ଯୋଡ଼ା ଯାଉ ଏବଂ ନିଜ ଉପାସନାର ସୁରକ୍ଷା କରାଯାଉ ଓ ଦୁଆ ଉପରେ ମଧ୍ୟ ବିଶ୍ୱାସ ସ୍ଥାପନ କରାଯାଉ । ଏହା ହିଁ ଜଣେ ଅହେମଦିର କର୍ତ୍ତବ୍ୟ ଅଟେ ଓ ବୈଅତ୍‌ର ପ୍ରକୃତ ଦାୟିତ୍ୱ ନିର୍ବାହକାରୀ ବ୍ୟକ୍ତିର ଏର ପରମ କର୍ତ୍ତବ୍ୟ ଅଟେ ।

ହ. ମସିହ୍ ମଉଦ୍[ଅ.ସ] କୁହନ୍ତି ଯେ, ଆମ ଜମାଅତ୍ ପକ୍ଷେ ଏକଥା ଅନିର୍ବାର୍ଯ୍ୟ ଯେ, ଜମାଅତ୍‌ର ସଦସ୍ୟବୃନ୍ଦଙ୍କର ବିଶ୍ୱାସ ସର୍ବଦା ଅଭିବୃଦ୍ଧି ପାଉଥାଉ, ଅଲ୍ଲାଃତାଲାଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଏବଂ ଈଶ୍ୱରଙ୍କୁ ଚିହ୍ନିବାର ଅଭିଳାଷା ସର୍ବଦା ମନ ଭିତରେ ଉଜ୍ଜୀବିତ ରହିଥାଉ । ପୁଣ୍ୟ କର୍ମ କରିବା ପ୍ରତି କୁଣ୍ଠାବୋଧ ପ୍ରକାଶ କରିବା ଏବଂ ଆଳସ୍ୟ ପରାୟଣ ପ୍ରଦର୍ଶନ ନକରୁ । କାରଣ ଆଳସ୍ୟ ପରାୟଣତା ଏବଂ କୁଣ୍ଠାବୋଧ ଯଦି ମନ ଭିତରେ ବସା ବାନ୍ଧି ନିଏ ତେବେ ନମାଜ ତହଜ୍ଜୁଦ୍ ପାଇଁ ନିଦରୁ ଉଠିବା ଅତ୍ୟନ୍ତ କଷ୍ଟକର ବ୍ୟାପାର ହୋଇ ପଡ଼ିବ । ନିୟମିତ ଫର୍ଜ ନମାଜ ପାଇଁ ୱୁଜୁ କରିବା ମଧ୍ୟ କଷ୍ଟ ଜଣାପଡ଼େ । ହୁଜୁର ଅ.ସ କହିଲେ, ପୁଣ୍ୟକର୍ମ ପାଇଁ ମନ ଭିତରେ ଯଦି ସାମର୍ଥ୍ୟ ଓ ଶକ୍ତି ଜାତ ନହୁଏ ଓ ପୁଣ୍ୟକର୍ମରେ ଅନ୍ୟମାନଙ୍କ ଠାରୁ ଆଗେଇ ଯିବାର ଯେଉଁ ଉତ୍ସାହ ଓ ମନୋବୃତ୍ତି ରହିଛି ତାହା ଯଦି ନରୁହେ ତେବେ ସେପରିପ୍ରେକ୍ଷୀରେ ତୁମମାନଙ୍କର ମୋ ସହିତ ସଂପର୍କ ଯୋଡ଼ିବା ବୃଥା ସାବ୍ୟସ୍ତ ହେବ ।

**(ମଲଫୁଜାତ୍, ଭାଗ-4, ପୃ-439, ପ୍ରକାଶନ ବର୍ଷ-1984 ମସିହା)**

ଅତଏବ୍ ଅତ୍ୟନ୍ତ ଚିନ୍ତା ଓ ଧ୍ୟାନର ସହିତ ଆମମାନଙ୍କୁ ନିଜର ସଂପର୍କ ଅଲ୍ଲାଃତାଲାଙ୍କ ସହିତ ବୃଦ୍ଧି କରିବା ପାଇଁ ଉଦ୍ୟମ କରିବା ଉଚିତ । ଯେତେବେଳେ ଏହିଭଳି ସଚ୍ଚୋଟ ସଂପର୍କ ଅଲ୍ଲାଃତାଲାଙ୍କ ସହିତ ସ୍ଥାପନ କରିବ ତେବେ ଦୁଆ ଗ୍ରହଣୀୟ ହେଉଥିବାର ଦୃଶ୍ୟ ଆମେମାନେ ସ୍ୱଚକ୍ଷୁରେ ଅବଶ୍ୟ ଅବଲୋକନ କରିବୁ । ଅଲ୍ଲାଃତାଲା ଏଥି ନିମନ୍ତେ ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ଖୁତ୍‌ବା ଶେଷରେ ହୁଜୁର ଅନୱର ଅ.ବ ପାକିସ୍ତାନ, ଉପଦ୍ୱୀପର


**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajjad Khan, S/O- Sultan Ahmad,
Jamat Ahmadiya Kerang (Odisha)



**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଆମ ଜମାଅତର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang (Odisha)

ଅହେମଦିମାନଙ୍କ ପାଇଁ ବିଶେଷ ରୂପେ ଦୁଆ କରିବାକୁ ଆହ୍ୱାନ ଜଣାଇ କହିଲେ, ପାକିସ୍ତାନରେ ଅହେମଦିମାନଙ୍କ ଉପରେ ଜଟିଳରୁ ଜଟିଳତର ପରିସ୍ଥିତି ସୃଷ୍ଟି କରିବା ପାଇଁ ଉଦ୍ୟମ କରାଯାଉଛି । ସେହିପରି ଆଜିକାଲି ଉପଦ୍ୱୀପରେ ମଧ୍ୟ ଏହି ବିରୋଧୀମାନଙ୍କର ଏକ ବିରୋଧ ଲହରୀ ଉଙ୍କି ମାରିଛି । ପ୍ରତ୍ୟେକ ସ୍ଥାନରେ ବାସ କରୁଥିବା ଅହେମଦିମାନଙ୍କୁ ଅଲ୍ଲାଃତାଲା ସୁରକ୍ଷା ପ୍ରଦାନ କରନ୍ତୁ ଏବଂ ପ୍ରତ୍ୟେକ ପ୍ରକାରର ସମସ୍ୟାରୁ ଉଦ୍ଧାର କରନ୍ତୁ ଓ ଶତ୍ରୁପକ୍ଷକୁ ବିଫଳ ତଥା ଅକୃତକାର୍ଯ୍ୟ କରିଦିଅନ୍ତୁ । **ଆମିନ୍** ।

☆ ☆ ☆

# କନ୍ୟା ସନ୍ତାନ ପରେ ପୁତ୍ର ସନ୍ତାନ

## ପୁତ୍ର ସନ୍ତାନ ପ୍ରାପ୍ତ କରିବାର ପ୍ରକୃତ କୁରଆନୀୟ ନୁସଖା (ପଥ୍ୟ)ର ଅବଶିଷ୍ଟାଂଶ......

ତା' ମାଙ୍କର ଖାଲି କନ୍ୟା ସନ୍ତାନ ଜନ୍ମ ହେଉଥିଲେ । ବର୍ତ୍ତମାନ ଏହି ଭାଗ୍ୟବତୀ ଜନ୍ମ ହୋଇଛି ତେବେ ଏହା ପରେ ତାଙ୍କ ଘରେ ପୁତ୍ର ସନ୍ତାନ ଜନ୍ମ ହେଲା । ମୁଁ ମହୋଦୟଙ୍କୁ କହିଲି ଉପରୋକ୍ତ କୁରଆନୀୟ ଆୟତ୍‌ର ପ୍ରଭାବ ଯେ, ବୁଶ୍ରା ପରେ ପୁତ୍ର ସନ୍ତାନ ଜନ୍ମ ନେବା ଅନିର୍ବାର୍ଯ୍ୟ ଅଟେ । କାରଣ ଈଶ୍ୱରଙ୍କ ଐଶୀବାଣୀରେ ଯେପରି ମାର୍ଗଦର୍ଶନର ଉପକାରିତା ଅନ୍ତର୍ନିହିତ ରହିଛି । ସେହିପରି ଅନ୍ୟ ପ୍ରକାରର ମୂଲ୍ୟବାନ ବିଶେଷତା ମଧ୍ୟ ରହିଛି । ଠିକ୍ ସେହିପରି ଯେପରି ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ ଅନ୍ୟ ଜୀବମାନଙ୍କ ମଧ୍ୟରେ ପ୍ରସିଦ୍ଧ ଓ ପ୍ରକୃତ ଉପକାରିତାର ବ୍ୟତୀତ ଅନ୍ୟ ଆନୁଷଙ୍ଗିକ ଲାଭ ଓ ଉପକିରିତା ମଧ୍ୟ ରହିଛି । ସୁତରାଂ ଉକ୍ତ ଆୟତ୍‌ର ଆନୁଷଙ୍ଗିକ ଗର୍ଭ କିମ୍ବା ଲାଭ ବା ଉପକାରିତା ମଧ୍ୟ ରହିଛି, ତାହା ଏହିକିଯେ, ଯେତେବେଳେ କୌଣସି ଘରେ କୌଣସି କନ୍ୟାର ନାମ ବୁଶ୍ରା ରଖାଯାଏ ସେତେବେଳେ ସେହି କନ୍ୟା ପରେ ଯେଉଁ ସନ୍ତାନ ଜନ୍ମ ନେଇଥାଏ ତାହା ପୁତ୍ର ସନ୍ତାନ ହୋଇଥାଏ । ବୁଶ୍ରା ପରେ ଉକ୍ତ ଐଶୀବାଣୀ ପ୍ରଭାବ ହେତୁ ପୁତ୍ର ସନ୍ତାନ ଜନ୍ମ ହେବା ବିଧେୟ ଅଟେ ।

ଏହାପରେ ମୁଁ ତଦନ୍ତ ଆରମ୍ଭ କରିଦେଲି ଯେ, ଏହି ନାମର (ବୁଶ୍ରା ନାମର) କନ୍ୟା କିଏ କିଏ ଅଟନ୍ତି ଏବଂ ମୋ ଉପରେ ପ୍ରକାଶ୍ୟ ହୋଇଗଲା ଯେ, ଯେଉଁଭଳି ଭାବରେ ବୁଶ୍ରା ନାମ୍ନୀ କନ୍ୟାମାନଙ୍କ ସଂକ୍ରାନ୍ତରେ ବର୍ଣ୍ଣିତ କରାଯାଇଛି ତନ୍ମଧ୍ୟରେ ଅନେକ କନ୍ୟା ପରେ ପୁତ୍ର ସନ୍ତାନ ଜନ୍ମ ଗ୍ରହଣ ହୋଇଛନ୍ତି । ଏହାର ଅର୍ଥ ଏହା ନୁହେଁ ଯେ, ଏହି ନୁସ୍‌ଖା (ପଥ୍ୟ) କେବେ ବ୍ୟର୍ଥ ହୁଏ ନାହିଁ । କାରଣ ପୃଥିବୀରେ ଏପରି କୌଣସି ନୁସ୍‌ଖା ନାହିଁ ଯାହା ଅବ୍ୟର୍ଥ ହେଉ ନଥିବ । ହଁ ଏହା ଏଭଳି ଏକ ନୁସ୍‌ଖା ଯାହା ଅନେକ ଥର ସଫଳ ମଧ୍ୟ ହୋଇଛି ଓ ଅନ୍ୟାନ୍ୟ ଯେଉଁ ନୁସ୍‌ଖା ରହିଛି ତାହା ଏହାର ସତ୍ୟତାକୁ ପ୍ରତିପାଦିତ କରନ୍ତି । ଅର୍ଥାତ Exception proves the Ruleର ପ୍ରସଙ୍ଗ ।

ସୁତରାଂ ବନ୍ଧୁଗଣ ! ଏହାକୁ ମଧ୍ୟ ପରୀକ୍ଷା କରନ୍ତୁ ଏବଂ ତହିଁରୁ ଲାଭବାନ ତଥା ଉପକୃତ ହୁଅନ୍ତୁ ଓ ବିନୀତକୁ ନିଜ ଦୁଆରେ ସ୍ମରଣ ରଖନ୍ତୁ । ହଁ ଏହା ଉଚିତ ହେବ ନାହିଁ ଯେ, କୌଣସି କନ୍ୟା ସନ୍ତାନର ପୂର୍ବେ କୌଣସି ନାମ ଥିବ ତାହାକୁ ବଦଳାଇ ବୁଶ୍ରା କରିଦିଆଯାଉ । ବରଂ ପ୍ରାରମ୍ଭରୁ ହିଁ ଏହି ନାମ ରଖିବା ଉଚିତ୍ ।

କୌଣସି ନୁସ୍‌ଖାର ପ୍ରଭାବ ସଫଳ ହୋଇଛି ବୋଲି ବୁଝିବା ନିମନ୍ତେ ଔଷଧ ବିଜ୍ଞାନ ପରିଭାଷାରେ ଏହା ଅନେକ ଥର ବୁଝା ଯାଇଛି ଯେ, ପ୍ରାୟ 50 ପ୍ରତିଶତ ଔଷଧର ପ୍ରଭାବ ସଫଳ ହେଲା । କିନ୍ତୁ ଯଦି 70 କିମ୍ବା 80 ପ୍ରତିଶତ ସଫଳ ହୁଏ ତେବେ ତାହାକୁ Specific କିମ୍ବା ଅମୋଘ ବୋଲି ବିଚାର କରାଯାଇଥାଏ । ମୋର ଅଭିଜ୍ଞତା ତତ୍‌ସଂପର୍କରେ ଏହା ହିଁ ଯେ, 95 ପ୍ରତିଶତ ଏହି ନୁସ୍‌ଖା ନିଶ୍ଚିତ ରୂପେ ସଫଳ ଅଟେ । ଅନ୍ୟ ଯେଉଁଠି ପ୍ରଥମ ଥରରେ ବିଫଳତା ମିଳିଛି ସେଠାରେ ପୁନଶ୍ଚ ଏକ ଶାଖା କୃତକାର୍ଯ୍ୟର ଏପରି ଅଟେ ଯେ, ବୁଶ୍ରାର ପରେ ନୁହେଁ, କିନ୍ତୁ ଆଉ ଏକ କନ୍ୟା ସନ୍ତାନ ଜନ୍ମ ହୋଇ ପୁନଶ୍ଚ ପୁତ୍ର ସନ୍ତାନ ଅବା ପୁତ୍ରମାନଙ୍କର ପରମ୍ପରା ସୃଷ୍ଟି ହୋଇଗଲା । ସୁତରାଂ ଏହା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କଥା ଓ କେବଳ କିଛିଟା ବିରାମ ହେବା କୌଣସି ଆପତ୍ତିଯୋଗ୍ୟ କଥା ନୁହେଁ ଓ ବୁଶ୍ରା ପରେ କେବେ ବି ପୁତ୍ର ସନ୍ତାର ଜନ୍ମ ନହେବା ବିରଳ ଓ ଦୁର୍ଲଭ ଅଟେ ।

### ସଂଖ୍ୟା

ଉପରୋକ୍ତ ବିଷୟବସ୍ତୁ ମୁଁ ଉଲ୍ଲେଖ କରି ସାରିଥିଲି ଯେ, ମୁଁ କାଦିଆନ୍‌ର ବୁଶ୍ରା ନାମ୍ନୀ କନ୍ୟାମାନଙ୍କର ସଂଖ୍ୟା ଗଣିଲି ଓ ତାହାର ନିମ୍ନ ଲିଖିତ Statistics (ପରିସଂଖ୍ୟାନ) ଉପସ୍ଥାପିତ କରିଦେଉଛି । କାରଣ ସେହି ଲୋକମାନେ ସନ୍ତୁଷ୍ଟ ହୋଇଯାଆନ୍ତୁ ଯେଉଁମାନେ ସମାଲୋଚନା ଚକ୍ଷୁରେ ଏହିଭଳି କଥା ବା ପ୍ରସଙ୍ଗକୁ ଦେଖିଥାଆନ୍ତି ।

ତଦନ୍ତ କରିବା ପରେ ମୋ ଜ୍ଞାତ ସାରରେ ମୋଟ୍ କନ୍ୟା ସନ୍ତାନମାନଙ୍କର ସଂଖ୍ୟା 24 ଥିଲା । ଯେଁଉମାନଙ୍କର ଜନ୍ମ ଗ୍ରହଣ ପରେ ପରେ ପୁତ୍ର ସନ୍ତାନ ଜନ୍ମ ହେଲା । ଅତଃ ପୁତ୍ର ସଂଖ୍ୟା ଥିଲା- 18 ।

ଯେଉଁ ପୁତ୍ରଙ୍କ ଜନ୍ମ ଗ୍ରହଣ ପରେ କନ୍ୟା ସନ୍ତାନ ଜନ୍ମ ହେଲା, କିନ୍ତୁ ପୁନଶ୍ଚ ଉକ୍ତ କନ୍ୟା ସନ୍ତାନ ପରେ ପୁତ୍ର ସନ୍ତାନ ଜାତ ହେଲା । ତେଣୁ ପୁତ୍ରମାନଙ୍କ ସଂଖ୍ୟା ହେଲା- 4 ।

ଯେଉଁ ପୁତ୍ର ସନ୍ତାନ ପରେ ଦୁଇଟି କନ୍ୟା ସନ୍ତାନ ହେବା ପରେ ପୁତ୍ର ସନ୍ତାନ ଜନ୍ମ ହେଲା ତା'ର ସଂଖ୍ୟା ଥିଲା-1 ।

ଯେଉଁ ପୁତ୍ର ସନ୍ତାନ ପରେ କୌଣସି ପୁତ୍ର ସନ୍ତାର ଜାତ ହେଲା ନାହିଁ ତା'ର ସଂଖ୍ୟା ଥିଲା- 1 । ତହିଁରୁ ଏହା ଜ୍ଞାତ ହୁଏ ଯେ, 95.8% ପ୍ରତିଶତ ସଫଳତା ହାର ରହିଛି ଏବଂ କେବଳ ଗୋଟିଏ ଉଦାହରଣ ଏପରି ମିଳିଲା ଯେଉଁଠି ପୁତ୍ର ସନ୍ତାନ ଜାତ ହେଲା ନାହିଁ । ଏତଦଭିନ୍ନ ଆଉ 4 ଜଣ ବୁଶ୍ରା ମଧ୍ୟ ରହିଛନ୍ତି ଯେଉଁମାନେ Wating Listରେ ଅଛନ୍ତି, ଯେଉଁମାନଙ୍କର ହାରାହାରି ବୟସ ଏକ ବର୍ଷ ମଧ୍ୟରେ ରହିଛି ଓ ମୁଁ ଆଶା କରୁଛି ଯେ, ସେମାନଙ୍କର ଅଭିଭାବକମାନଙ୍କ ଘରେ ଅଲ୍ଲାଃତାଲା ଭବିଷ୍ୟତରେ ଗର୍ଭରୁ ପୁତ୍ର ସନ୍ତାନ ପ୍ରଦାନ କରିବେ । **ଇନ୍‌ଶାଅଲ୍ଲାଃ। ୱହୁଆ ଅଲା କୁଲ୍ଲି ଶଇନ୍ କଦିର୍** ।

ସୁତରାଂ ଯେଉଁ ମହୋଦାୟଙ୍କ ମସ୍ତିଷ୍କରେ ପୁତ୍ର ସନ୍ତାନର ବିଚାର ଥିବ ସେ ଯଥାଶୀଘ୍ର ପ୍ରଥମେ କନ୍ୟାର ନାମ ବୁଶ୍ରା ରଖିଦେଉ କିମ୍ବା ଯେଉଁମାନଙ୍କ ଘରେ ଖାଲି କନ୍ୟା ହିଁ କନ୍ୟା ଜନ୍ମ ହେଉଛନ୍ତି ତେବେ ସେମାନେ ଆସନ୍ତାରେ ଏହି ନୁସ୍‌ଖା ଅବଶ୍ୟ ପରୀକ୍ଷା କରି ଦେଖନ୍ତୁ ଓ ତତ୍‌ସହିତ ଦୁଆ, ବିଳାପ ମଧ୍ୟ କରନ୍ତୁ। କାରଣ ଅଲ୍ଲାଃତାଲାଙ୍କ ଇଚ୍ଛା ଓ କୃପା ଯଦି ବ୍ୟକ୍ତି ଉପରେ ଅବତୀର୍ଣ୍ଣ ନହୁଏ ତେବେ ସମସ୍ତ ନୁସ୍‌ଖା ବ୍ୟର୍ଥ ଓ ନିରର୍ଥକ ଅଟେ ।

**(ରୋଜନାମା ଅଲ୍‌ଫଜଲ୍ କାଦିଆନ୍ 2 ଅକ୍ଟୋବର 1936 ମସିହା)**

**ନୋଟ୍: ପ୍ରାୟ ଏକ ବର୍ଷ ପରେ ଉପରୋକ୍ତ ବିଷୟ ବସ୍ତୁର ସମର୍ଥନରେ ଏହି ନୋଟଟି ଅଲଫଜଲ୍‌ରେ ପ୍ରକାଶିତ ହେଲା । ତେଣୁ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏହାକୁ ମଧ୍ୟ ପାଠ କରନ୍ତୁ ।**

### ୟା ବୁଶ୍ରା ହାଜା ଗୁଲାମ୍

ବିଗତ ବର୍ଷ ହ. ଡାକ୍ତର ମୀର୍ ମୁହମ୍ମଦ୍ ଇସ୍‌ମାଇଲ୍ ସାହେବ ଅଲ୍‌ଫଜଲ୍‌ରେ ଏକ ନୋଟ୍ ଉଲ୍ଲେଖ କରିଥିଲେ, ଯାହାର ସାର ଏହା ଥିଲା କି ଆୟତ୍ **ୟା ବୁଶ୍ରା ହାଜା ଗୁଲାମ୍**ର ରହସ୍ୟ ମଧ୍ୟରୁ ଏକ ରହସ୍ୟ ଏହା ମଧ୍ୟ ରହିଛି ଯେ, ଯଦି କୌଣସି ବ୍ୟକ୍ତିଙ୍କ ଘରେ କନ୍ୟା ସନ୍ତାନ ଜନ୍ମ ଗ୍ରହଣ କରେ ଓ ତା'ର ନାମ ବୁଶ୍ରା ରଖାଯାଏ ତେବେ ଏହାପରେ ଅଲ୍ଲାଃତାଲାଙ୍କ କୃପାରୁ ପୁତ୍ର ସନ୍ତାନ୍ ଜନ୍ମ ଗ୍ରହଣ କରିବ । ତତ୍‌ସଂକ୍ରାନ୍ତରେ ଡାକ୍ତର ସାହେବ କେତେକ ଉଦାହରଣ ଉପସ୍ଥାପିତ କରିଥିଲେ । ବର୍ତ୍ତମାନ ମୁଁ ମହୋଦାୟଙ୍କ (ମୀର ମୁହମ୍ମଦ ଇସ୍‌ମାଇଲ୍ ସାହେବଙ୍କ) ସମର୍ଥନରେ

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

" ଯୁବ ଖୁଦ୍ଦାମ ଓ ଅତଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ ।ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ଯ"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kerang (Odisha)

**ନବୀ ସ.ଅଙ୍କ ବାଣୀ**

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ ବିସମିଲ୍ଲାଃହି ପାଠ କରୁ ଆଉ ଯଦି ବିସମିଲ୍ଲାଃ କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ ବିସମିଲ୍ଲାଃହି ଅୱଲହୁ ପଢିନେଉ।"

**(ତିର୍ମିଜି କିତାବୁଲ୍ ଅତଅମା )**

ତାଲିବେ ଦୁଆ: Sarwar Khan & Family,
Jamat Ahmadiya Kerang (Odisha)

**ଯେପର୍ଯ୍ୟନ୍ତ ସର୍ବୋଚ୍ଚ ସତ୍ତାଙ୍କୁ ସ୍ୱୀକାର କରି ନିଆଯାଇ ନାହିଁ ସେପର୍ଯ୍ୟନ୍ତ ପ୍ରକୃତ ଶାନ୍ତି କଦାପି ସ୍ଥାପିତ ହୋଇପାରିବ ନାହିଁ ।**

**ଏହି ଆସ୍ଥା ଯେ, ଅଲ୍ଲାଃତାଲା ହିଁ ପ୍ରକୃତ ଶାନ୍ତି ପ୍ରଦାନକାରୀ ଅଟନ୍ତି, ଏହି ଶିକ୍ଷା ଇସ୍‌ଲାମ୍ ଧର୍ମ ମାଧ୍ୟମରେ ଆଁହଜରତ ସ.ଅ ହିଁ ଉପସ୍ଥାପିତ କରିଛନ୍ତି ।**

**ଯଦି କୌଣସି ଆଶାର ଆଲୋକ ରହିଛି, ଶାନ୍ତିର ପ୍ରତ୍ୟାଭୂତି (ଗ୍ୟାରେଣ୍ଟି) ରହିଛି ତେବେ କେବଳ ଗୋଟିଏ ଅସ୍ତିତ୍ୱ ହିଁ ଅଛି । ଅଲ୍ଲାଃତାଲା ଯାହାକୁ ଶାନ୍ତି ଓ ସୌହାର୍ଦ୍ଦ୍ୟମୂଳକ ଶିକ୍ଷା ସହିତ ସଂସାରରେ ପ୍ରେରଣ କରିଥିଲେ ଯେକି ଶାନ୍ତିର ସମ୍ରାଟ ଓ ଦୂତ ଅଟନ୍ତି, ଯାହାଙ୍କର ଶିକ୍ଷା ପ୍ରେମ ଓ ଆନ୍ତରିକତାମୂଳକ ଶିକ୍ଷା ଅଟେ ।**

**ପ୍ରକୃତ ବିଶ୍ୱାସକାରୀ ସେତେବେଳେ ହୋଇପାରିବ ଯେତେବେଳେ ଜଣେ ବ୍ୟକ୍ତି ବ୍ୟକ୍ତିଗତ, ବଂଶଗତ, ବର୍ଣ୍ଣଗତ, ଦେଶଗତ ଅଗ୍ରାଧିକାରର ଉନ୍ନତିରୁ ଉର୍ଦ୍ଧ୍ୱରେ ରହି ଶାନ୍ତି ସ୍ଥାପନ ନିମନ୍ତେ ଉଦ୍ୟମ କରିଥାଏ ଏବଂ ଏହା ସେହି ପରିସ୍ଥିତିରେ ସମ୍ଭବପର ହୋଇପାରିବ ଯେତେବେଳେ ମନୁଷ୍ୟ ଉକ୍ତ କଥାକୁ ହୃଦୟଙ୍ଗମ କରିନେଉ ଯେ, ମୋ ଉପରେ ଆଉ ଏକ ସର୍ବୋଚ୍ଚ ସତ୍ତା ରହିଛନ୍ତି ଯେକି କେବଳ ମୋ ନିମନ୍ତେ ଶାନ୍ତି ଚାହାନ୍ତି ନାହିଁ ବରଂ ସମଗ୍ର ବିଶ୍ୱ ନିମନ୍ତେ ସେ ଶାନ୍ତି ଚାହାନ୍ତି ।**

**ଅଲ୍ଲାଃତାଲା ହ. ମୁହମ୍ମଦ ସ.ଅ ଓ ପବିତ୍ର କୁରଆନ୍ କରୀମ୍ ପ୍ରେରଣ କରି ସମଗ୍ର ମାନବ ଜାତି ଉପରେ ମହୋଉପକାର କରିଛନ୍ତି । ଯଦି ମନୁଷ୍ୟ ତହିଁରୁ ଉପକୃତ ନହୁଏ ଓ ନିଜର ଧ୍ୱଂସ ସାଧନକାରୀ ବ୍ୟକ୍ତଗତ ସ୍ୱାର୍ଥ ଓ ଲୋଭର ବଶବର୍ତ୍ତୀ ତଥା ବନ୍ଦୀ ହୋଇ ରୁହେ ତେବେ ଏହାଠୁ ବଡ଼ ଦୁର୍ଭାଗ୍ୟଜନକ ବିଷୟ ଆଉ କ'ଣ ବା ହୋଇରପାରିବ ?**

**ଆସ ଶାନ୍ତି ଓ ସୌହାର୍ଦ୍ଦ୍ୟର ଶିକ୍ଷା ଏବଂ ବାର୍ତ୍ତା ଦେଉଥିବା ସେହି ମହାନ ଅସ୍ତିତ୍ୱଙ୍କ ସହିତ ସଂଶ୍ଲିଷ୍ଟ ହୋଇ ଇହକାଳ ଓ ପରକାଳରେ ନିଜକୁ ସୁରକ୍ଷିତ ରଖିବାର ପନ୍ଥା ଅବଲମ୍ବନ କରିନିଅ ।**

**ଆଁହଜରତ ସ.ଅଙ୍କ ସତ୍ୟବାଦୀ ଦାସଙ୍କ ସହିତ ସଂଶ୍ଲିଷ୍ଟ ରହିବା ମଧ୍ୟ ଏକାନ୍ତ ଅପରିହାର୍ଯ୍ୟ । ତେବେଯାଇ ଜ୍ଞାନ ଓ ପରିଚୟର ସଠିକ୍ ଅବବୋଧ ପ୍ରାପ୍ତ ହୋଇପାରିବ । ଯେପର୍ଯ୍ୟନ୍ତ ଲୋକମାନଙ୍କ ମଧ୍ୟରେ ପ୍ରକୃତ ମୈତ୍ରିକ ସଂପର୍କ ସ୍ଥାପନ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ପ୍ରକୃତ ଶାନ୍ତି ସ୍ଥାପିତ ହୋଇପାରିବ ନାହିଁ । ପ୍ରକୃତ ମୈତ୍ରିକ ସଂପର୍କ ଏକେଶ୍ୱରଙ୍କୁ ଗ୍ରହଣ କରିବା ବ୍ୟତୀରେକ କଦାପି ସୃଷ୍ଟି ହୋଇପାରିବ ନାହିଁ ।**

## 21 ଅଗଷ୍ଟ 2022 ମସିହାରେ ହୁଜୁର ଅନୱର୍ ଅ.ବଙ୍କ ଜଲ୍‌ସା ସାଲାନା ଜର୍ମାନୀ ଅବସରରେ ପ୍ରଦତ୍ତ ଉଦ୍‌ଯାପନୀ ଉଦ୍‌ବୋଧନ ପ୍ରଶ୍ନୋତ୍ତର ଆକାରରେ ହୁଜୁର ଅନୱର୍ ଅ.ବଙ୍କ ଅନୁମତି କ୍ରମେ ପ୍ରକାଶ କରାଯାଉଅଛି।

**ପ୍ରଶ୍ନ-** ହୁଜୁର ଅନ୍‌ୱର୍[ଅ.ବ] ନିଜର ଉଦ୍‌ବୋଧନର ପ୍ରାରମ୍ଭରେ Covid ମହାମାରୀ ରୋଗ ପରେ କେଉଁ ସମସ୍ୟାର ଚର୍ଚ୍ଚା କରିଥିଲେ ଯାହା ସମଗ୍ର ସଂସାରକୁ ଗ୍ରାସ କରି ଭୟଙ୍କର ମୋଡ଼ ପାଖରେ ଆଣି ଛିଡ଼ା କରି ଦେଇଛି ?

**ଉତ୍ତର-** ହୁଜୁର ଅନ୍‌ୱର୍[ଅ.ବ] କହିଲେ, ପ୍ରଥମେ କୋଭିଡ୍ ମହାମାରୀ ସଂସାରକୁ ହଇରାଣ କରିଛି ଓ ବର୍ତ୍ତମାନ ସୁଦ୍ଧା ସେହି ରୋଗର ସମସ୍ୟା ସଂପୂର୍ଣ୍ଣ ସମାପ୍ତ ହୋଇ ନାହିଁ । ବର୍ତ୍ତମାନ ପୃଥିବୀରେ ଯୁଦ୍ଧ ଭଳି ପରିସ୍ଥିତି ଉପୁଜି ସଂସାରକୁ ଏକ ବିପଦପୂର୍ଣ୍ଣ ମୋଡ ପାଖରେ ଆଣି ଛିଡ଼ା କରି ଦେଇଛି । ପୃଥିବୀର ଏପରି କୌଣସି ଦ୍ୱୀପ ନାହିଁ ଯିଏ ଏହି ସମ୍ଭାବ୍ୟ ବିନାଶ ଲୀଳା ଠାରୁ ସୁରକ୍ଷିତ ଥିବାର ଦୃଶ୍ୟମାନ ହେଉଥିବ ।

**ପ୍ରଶ୍ନ-** ହ. ମସିହ୍ ମଉଦ୍[ଅ.ସ] ୟୁରୋପ ଓ ଏସିଆ ମହାଦେଶର ଭୂଖଣ୍ଡ ସଂପର୍କରେ କେଉଁ ଭବିଷ୍ୟ ବାଣୀ ଉଲ୍ଲେଖ କରିଥିଲେ ?

**ଉତ୍ତର-** ହ. ମସିହ୍ ମଉଦ୍[ଅ.ସ] ୟୁରୋପ ଓ ଏସିଆ ମହାଦେଶର ଭୂଖଣ୍ଡ ସଂପର୍କରେ ଏହି ଭବିଷ୍ୟ ବାଣୀ ଉଲ୍ଲେଖ କରିଥିଲେ ଯେ, ହେ ୟୁରୋପ ! ତୁ ଶାନ୍ତିରେ ନାହୁଁ ଓ ହେ ଏସିଆ ! ତୁ ମଧ୍ୟ ଶାନ୍ତିରେ ନାହୁଁ ଓ ହେ ଉପଦ୍ୱୀପବାସୀ ! କୌଣସି କୃତ୍ରିମ ଈଶ୍ୱର ତୁମକୁ ସାହାଯ୍ୟ କରିବେ ନାହିଁ । ମୁଁ ସହରଗୁଡ଼ିକୁ ପତନୋନ୍ମୁଖୀ (ଖସୁଥିବାର), ଧ୍ୱଂସ ସ୍ତୂପରେ ପରିଣତ ହେଉଥିବାର ଓ ଜନବସତିଗୁଡ଼ିକୁ ଜନଶୂନ୍ୟ ହେଉଥିବାର ପାଉଅଛି ।

**ପ୍ରଶ୍ନ-** ପ୍ରକୃତ ଶାନ୍ତି କେତେବେଳେ ପ୍ରାପ୍ତ ହୋଇପାରିବ ?

**ଉତ୍ତର-** ହୁଜୁର ଅନ୍‌ୱର୍[ଅ.ବ] କହିଲେ, ଯେପର୍ଯ୍ୟନ୍ତ ଜଣେ ବ୍ୟକ୍ତି ସର୍ବୋଚ୍ଚ ସତ୍ତାଙ୍କୁ ଗ୍ରହଣ କରି ନନେଇଛି ସେପର୍ଯ୍ୟନ୍ତ ପ୍ରକୃତ ଶାନ୍ତି ପ୍ରାପ୍ତ ହୋଇପାରିବ ନାହିଁ । ସେହିପରି ଆପଣ ଅ.ସ କହିଲେ, ଯେପର୍ଯ୍ୟନ୍ତ ଲୋକମାନଙ୍କ ମଧ୍ୟରେ ପ୍ରକୃତ ମୈତ୍ରିକ ସଂପର୍କ ସ୍ଥାପନ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ପ୍ରକୃତ ଶାନ୍ତି ସ୍ଥାପିତ ହୋଇପାରିବ ନାହିଁ । ପ୍ରକୃତ ମୈତ୍ରିକ ସଂପର୍କ ଏକେଶ୍ୱରଙ୍କୁ ଗ୍ରହଣ କରିବା ବ୍ୟତୀରେକ କଦାପି ସୃଷ୍ଟି ହୋଇପାରିବ ନାହିଁ ।

**ପ୍ରଶ୍ନ-** ହୁଜୁର ଅନ୍‌ୱର୍[ଅ.ବ] ପ୍ରକୃତ ଶାନ୍ତି ସ୍ଥାପନ ନିମନ୍ତେ କ'ଣ କହିଛନ୍ତି ?

ଉତ୍ତର- ପ୍ରକୃତ ଶାନ୍ତି ସେତେବେଳେ ସ୍ଥାପନ ହୋଇପାରିବ, ଯେତେବେଳେ ଜଣେ ବ୍ୟକ୍ତି ବ୍ୟକ୍ତିଗତ, ବଂଶଗତ, ବର୍ଣ୍ଣଗତ, ଦେଶୀୟ ଯେତେବେଳେ ଅଗ୍ରାଧିକାରର ଉନ୍ନତିରୁ ଉର୍ଦ୍ଧ୍ୱରେ ରହି ଶାନ୍ତି ସ୍ଥାପନ ନିମନ୍ତେ ଉଦ୍ୟମ କରିଥାଏ ଏବଂ ଏହା ସେହି ପରିସ୍ଥିତିରେ ସମ୍ଭବପର ହୋଇପାରିବ ଯେତେବେଳେ ମନୁଷ୍ୟ ଉକ୍ତ କଥାକୁ ହୃଦୟଙ୍ଗମ କରିନେଉ ଯେ, ମୋ ଉପରେ ଆଉ ଏକ ସର୍ବୋଚ୍ଚ ସତ୍ତା ରହିଛନ୍ତି ଯେକି କେବଳ ମୋ ନିମନ୍ତେ ଶାନ୍ତି ଚାହାନ୍ତି ନାହିଁ ବରଂ ସମଗ୍ର ବିଶ୍ୱ ପାଇଁ ସେ ଶାନ୍ତି ଚାହାନ୍ତି ।

**ପ୍ରଶ୍ନ-** ଅଲ୍ଲାଃତାଲା ହେଉଛନ୍ତି ଶାନ୍ତି ପ୍ରଦାନକାରୀ। ଏହି ଆସ୍ଥା କିଏ ଉପସ୍ଥାପିତ କରିଛନ୍ତି ?

**ଉତ୍ତର-** ଅଲ୍ଲାଃତାଲା ହେଉଛନ୍ତି ଶାନ୍ତି ପ୍ରଦାନକାରୀ ଏହି ଆସ୍ଥା ଓ ଏହି ଧର୍ମମତ ଆଁହଜରତ[ସ.ଅ] ହିଁ ଉପସ୍ଥାପିତ କରିଛନ୍ତି ।

**ପ୍ରଶ୍ନ-** ଆମେମାନେ କେତେବେଳେ ଦୁର୍ଭାଗ୍ୟ ବ୍ୟକ୍ତି ରୂପେ ପରିଗଣିତ ହେବୁ ?

**ଉତ୍ତର-** ହୁଜୁର ଅନ୍‌ୱର୍[ଅ.ବ] କହିଲେ, ଅଲ୍ଲାଃତାଲା ହ. ମୁହମ୍ମଦ୍[ସ.ଅ] ଓ ପବିତ୍ର କୁରଆନ୍ କରୀମ୍‌କୁ ପ୍ରେରଣ କରି ମାନବତା ଉପରେ ଏକ ମହୋପକାର କରିଛନ୍ତି । ଅତଃ ମନୁଷ୍ୟ ଯଦି ତହିଁରୁ ଉପକୃତ ନହେଲା ଏବଂ ନିଜର ଧ୍ୱଂସ ସାଧନକାରୀ ସ୍ୱାର୍ଥ ତଥା ଲାଭର ବନ୍ଦୀ ଓ ବଶବର୍ତ୍ତୀ ହୋଇ ରୁହେ ତେବେ ସେପରିପ୍ରେକ୍ଷୀରେ ଏହାଠୁ ଅଧିକ ଦୁର୍ଭାଗ୍ୟଜନକ (ବିଷୟ) ଆଉ କ'ଣ ବା ହୋଇପାରିବ ?

**ପ୍ରଶ୍ନ-** ଆଜିକାଲି ସଂସାରର ଯେଉଁ ପରିସ୍ଥିତି ରହିଛି ତହିଁରୁ ଆମେମାନେ କିପରି ବର୍ତ୍ତି ପାରିବୁ ?

**ଉତ୍ତର-** ହୁଜୁର ଅନ୍‌ୱର୍[ଅ.ବ] କହିଲେ: ଏହିଭଳି ପରିସ୍ଥିତିରେ ଯଦି କୌଣସି ଆଶାର ଆଲୋକ ରହିଛି ଓ ଶାନ୍ତିର ପ୍ରତ୍ୟାଭୂତି (ଗ୍ୟାରେଣ୍ଟି) ରହିଛି ତେବେ କେବଳ ଗୋଟିଏ ଅସ୍ତିତ୍ୱ ହିଁ ଅଛି। ଯାହାଙ୍କୁ ଅଲ୍ଲାଃତାଲା ଶାନ୍ତି ଓ ସୌହାର୍ଦ୍ଦ୍ୟର ବାର୍ତ୍ତା ତଥା ଶିକ୍ଷା ପ୍ରଦାନ କରି ଏହି ସଂସାର ଜଗତକୁ ପ୍ରେରଣ କରିଛନ୍ତି । ଯେକି ଶାନ୍ତିର ସମ୍ରାଟ ଓ ଶାନ୍ତି ରାଜଦୂତ ଅଟନ୍ତି, ଯାହାଙ୍କର ଶିକ୍ଷା ପ୍ରେମ ଓ ଆନ୍ତରିକତାର ଶିକ୍ଷା ଅଟେ । ଯିଏ ଅଲ୍ଲାଃତାଲାଙ୍କର ସର୍ବାଧିକ ପ୍ରିୟତମ ବ୍ୟକ୍ତି ଅଟନ୍ତି, ଯାହାଙ୍କ ଉପରେ ଅଲ୍ଲାଃତାଲା ଶେଷ, ସଂପୂର୍ଣ୍ଣ ଧର୍ମବିଧାନ ଗ୍ରନ୍ଥ ଅବତୀର୍ଣ୍ଣ କଲେ, ଯାହାଙ୍କର ଶିକ୍ଷା ପ୍ରେମ ଓ ଅନ୍ତରିକାତମୂଳକ ଶିକ୍ଷା ଅଟେ । ଯିଏ ନିଜର ପ୍ରଭୁଙ୍କ ସହିତ ସଂପର୍କ ସ୍ଥାପନ କରିବା ହେତୁ ଓ ନିଜ ଉପରେ ଅବତୀର୍ଣ୍ଣ ହୋଇଥିବା ଶିକ୍ଷା ସମଗ୍ର ସଂସାରରେ ପ୍ରସାରିତ ଏବଂ ପରିବ୍ୟାପ୍ତ କରିବା ନିମନ୍ତେ ତଥା ସଂସାରକୁ ଧ୍ୱଂସ ମୁଖରୁ ରକ୍ଷା କରିବା ନିମନ୍ତେ ଚିନ୍ତା କରିବା, ସେଥି ନିମନ୍ତେ କଷ୍ଟଦାୟକ ଯନ୍ତ୍ରଣା ଅନୁଭୂତ କରିବା ହେତୁ ନିଜର ଜୀବନକୁ ସମାପ୍ତ ଓ ବିନାଶମୁଖୀ କରାଇ ନେଇଥିଲେ । ନିଜର ଅବସ୍ଥାକୁ ଏପରି କରି ନେଇଥିଲେ ଯେ, ଦୁଃଖ କଷଣ ଜନିତ ବ୍ୟଥାରେ ବ୍ୟଥିତ ହୋଇ କାନ୍ଦି କାନ୍ଦି ଅଲ୍ଲାଃତାଲାଙ୍କ ନିକଟରେ ପ୍ରାର୍ଥନା କଲେ । ଫଳତଃ ଅଲ୍ଲାଃତାଲା ଆପଣ[ସ.ଅ]ଙ୍କୁ କହିଲେ لَعَلَّكَ بَاخِعٌ نَّفْسَكَ اَلَّا يَكُوْنُوْا مُؤْمِنِيْنَ **(ଅଶଶୋରା-4)** ଅର୍ଥାତ ହେ ମୁହମ୍ମଦ[ସ.ଅ] ! ସେମାନେ (ଅବିଶ୍ୱାସକାରୀମାନେ) କାହିଁକି ବିଶ୍ୱାସ କରୁ ନାହାନ୍ତି ସେଥି ପାଇଁ ସମ୍ଭବତଃ ତୁମେ ନିଜ ଜୀବନକୁ ବିନାଶମୁଖୀ କରାଇ ନେବ ?

**ପ୍ରଶ୍ନ-** ଯୁଦ୍ଧପରିସ୍ଥିତିରେ କେଉଁ ପ୍ରକାରର ବିନାଶ ଲୀଳା ହେବ ?

**ଉତ୍ତର-** ହୁଜୁର ଅନ୍‌ୱର୍[ଅ.ବ] କହିଲେ : କେତେକ ସ୍ଥଳେ ବିଶ୍ଲେଷକମାନେ ଏହା ମଧ୍ୟ ମତ ରଖନ୍ତି ଯେ, ଯୁଦ୍ଧ ପରିସ୍ଥିତିରେ ଯେଉଁ ବିନାଶ ଲୀଳା ହେବ ତାହା ଏଭଳି ଭୟଙ୍କର ହେବ ଯେ, ଏକ ଆକଳନ ଅନୁଯାୟୀ ଯୁଦ୍ଧାବସ୍ଥାରେ ଓ ଯୁଦ୍ଧ ପରେ ଦୁଇ ବର୍ଷ ମଧ୍ୟରେ ଆଣବିକ ଅସ୍ତ୍ରର ବ୍ୟବହାର ଯୋଗୁଁ ପୃଥିବୀର ସମୁଦାୟ ଜନସଂଖ୍ୟା ମଧ୍ୟରୁ ୬୬% ଜନବସତି ଭୂପୃଷ୍ଠରୁ ନିଶ୍ଚିହ୍ନ ହୋଇଯିବ ।

**ପ୍ରଶ୍ନ-** ୟୁରୋପ ଓ ପଶ୍ଚିମ ଆଫ୍ରିକାର ଲୋକମାନେ କେଉଁ ଭ୍ରମରେ ପୀଡ଼ିତ ଥିଲେ ?

**ଉତ୍ତର-** ହୁଜୁର ଅନ୍‌ୱର୍[ଅ.ବ] କହିଲେ: ୟୁରୋପ ଓ ପଶ୍ଚିମ ଆଫ୍ରିକା ବାସୀ ଏହି ଭ୍ରମରେ ପୀଡ଼ିତ ଥିଲେ ଯେ, ଯୁଦ୍ଧ ପରିସ୍ଥିତିରେ, ଉପଦ୍ରବର ପରିସ୍ଥିତିରେ ଅଞ୍ଚଳ ଓ ଦେଶରେ ବିନାଶ ଭଳି ପରିସ୍ଥିତି ଯେଉଁଠି ସୃଷ୍ଟି ହେଉଛି ତାହା ଆମ ଠାରୁ ହଜାର ମାଇଲ୍ ଦୂରରେ ହେଉଛି ଏବଂ ଆମେମାନେ ଏହି ଯୁଦ୍ଧ, ଉପଦ୍ରବ, ବିନାଶ ଠାରୁ ବହୁ ଦୂରରେ ଅଛୁ । ତେଣୁ ଆମେମାନେ ତହିଁରୁ ସୁରକ୍ଷିତ ଅଟୁ । ଆମମାନଙ୍କର କିଛି କ୍ଷତି ହେବ ନାହିଁ ।

**ପ୍ରଶ୍ନ-** ବିକାଶଶୀଳ ରାଷ୍ଟ୍ରମାନେ ଯୁଦ୍ଧକୁ ଆହୁରି ବୃଦ୍ଧି ଏବଂ ତ୍ୱରାନ୍ୱିତ କରିବା ପାଇଁ କ'ଣ କରୁଛନ୍ତି ?

**ଉତ୍ତର-** ହୁଜୁର ଅନ୍‌ୱର୍[ଅ.ବ] କହିଲେ: ବିକଶଶୀଳ ରାଷ୍ଟ୍ରମାନେ ସେହି ଦେଶମାନଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଉଥିଲେ ଯେ, ଆମର ଅସ୍ତ୍ରଶସ୍ତ୍ର ବିକ୍ରି ହେଉଥାଉ। ଏମାନେ ମରୁଛନ୍ତି ତ' ମରି ଯାଆନ୍ତୁ ପଛେ, କ'ଣ ହୋଇଗଲା ସେଉଠୁ ?

**ପ୍ରଶ୍ନ-** ନିଜର ସ୍ୱାର୍ଥ ସକାଶେ ଯେଉଁ ବିକାଶଶୀଳ ରାଷ୍ଟ୍ରମାନେ ଅନ୍ନୋନ୍ନତ ରାଷ୍ଟ୍ରମାନଙ୍କୁ

**ନବୀ ସ.ଅଙ୍କ ବାଣୀ:-**

"ଅଲ୍ଲାଃତାଲାଙ୍କର ଖଡ଼ଗକୁ ହସ୍ତରେ ଧରି ରଖ ଏବଂ ତୁମ ମନରେ ଏହି ବିଶ୍ୱାସ ଥିବା ଦରକାର ଯେ, ଅଲ୍ଲାଃତାଲା ଅଛନ୍ତି ଏବଂ ମନ ଭିତରେ ଏହି ବିଶ୍ୱାସ ଥିବା ଦରକାର ଯେ, ଅଲ୍ଲାଃତାଲା ଭକ୍ତର ପ୍ରାର୍ଥନାକୁ ଶୁଣିଥାନ୍ତି ।"

(ଅଷ୍ଟ୍ରେଲିୟାର ଖୁଦାମୁଲ୍ ଅହେମଦିୟା ସଦସ୍ୟବୃନ୍ଦଙ୍କ ଅନ୍ ଲାଇନ୍ ସାକ୍ଷାତକାର, 26 ଜୁନ୍ 2022)

ତାଲିବେ ଦୁଆ: Ziabuddin Khan & Family, Jamat Ahmadiya (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

" ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜଲୁଲ ଇଫକତା ଫି ସବିଲିଲ୍ଲାଃହି )

ତାଲିବେ ଦୁଆ: Rahmat Bibi & Family,
Jamat Ahmadiya Kerang (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443

REGISTERED WITH THE REGISTRAR OF THE NEWSPAPERS FOR INDIA AT NO RN 2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.) INDIA
Postal Reg. No.GDP-40/2023-2025 Vol.9 Thursday 20 JULY 2023 Issue No. 29

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ଅସ୍ତ୍ରଶସ୍ତ୍ର ଯୋଗାଉଛନ୍ତି ସେମାନେ କେଉଁ କଥାକୁ ଭୁଲି ଯାଉଛନ୍ତି ?

**ଉତ୍ତର-** ହୁଜୁର ଅନ୍ୱର୍[ଅ.ବ] କହିଲେ, ସେମାନେ ଭୁଲି ଯାଇଛନ୍ତି ଯେ, ଏହି ପରିସ୍ଥିତି ସେମାନଙ୍କ ଉପରେ ମଧ୍ୟ ଆସିପାରେ ଓ ନିଜ ଉନ୍ନତିର ଧାରଣାରେ ସେମାନଙ୍କର ବୁଦ୍ଧି ଓ ହିତାହିତ ଜ୍ଞାନ ସଂପୂର୍ଣ୍ଣ ରୂପେ ଶୂନ୍ୟ ହୋଇଯାଇଛି । ସେମାନଙ୍କର ଚକ୍ଷୁ ଅନ୍ଧ ହୋଇଗଲା ଏବଂ ପୁନଶ୍ଚ ବର୍ତ୍ତମାନ ସମଗ୍ର ବିଶ୍ୱ ଏହା ଦେଖୁଛି ଯେ, ତାହା ହିଁ ହେଲା ଯାହାର ଆଶଙ୍କା ଆମେ କରିଥିଲୁ। ଅର୍ଥାତ ୟୁରୋପରେ ମଧ୍ୟ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହୋଇଯାଇଛି।

**ପ୍ରଶ୍ନ-** ଆମମାନଙ୍କୁ ଯଦି ଆଁହଜରତ[ସ.ଅ]ଙ୍କ ସହିତ ପ୍ରକୃତ ପ୍ରେମ ରହିଛି, ଆମେମାନେ ଯଦି ଆଁହଜରତ[ସ.ଅ]ଙ୍କୁ ପ୍ରକୃତ ରୂପେ ଭଲ ପାଉଛେ ତେବେ ଆମମାନଙ୍କୁ କ'ଣ କରିବାକୁ ହେବ ?

**ଉତ୍ତର-** ହୁଜୁର ଅନ୍ୱର୍[ଅ.ବ] କହିଲେ: ଆଁହଜରତ[ସ.ଅ]ଙ୍କୁ ଯଦି ଆପଣମାନେ ପ୍ରକୃତ ରୂପେ ଭଲ ପାଉଛନ୍ତି ତେବେ ଆପଣମାନଙ୍କୁ ଆଁହଜରତ[ସ.ଅ]ଙ୍କ ଦ୍ୱାରା ନିର୍ଦ୍ଦେଶିତ ଶିକ୍ଷାକୁ ଆପଣାନ୍ତୁ ଓ ସେହି ଶିକ୍ଷାକୁ ସଂସାରରେ ପ୍ରସାରିତ କରାନ୍ତୁ। ଆପଣମାନେ ପୃଥିବୀବାସୀଙ୍କୁ କୁହନ୍ତୁ ଯେ, ଆଜି ସଂସାରର ଶାନ୍ତି ଓ ସୌହାର୍ଦ୍ଦ୍ୟର ଏହା ହିଁ ଏକମାତ୍ର ସମାଧାନ ଅଟେ। ଅତଏବ ଆସ ଓ ଶାନ୍ତି ଓ ସଦ୍‌ଭାବନାର ଶିକ୍ଷା ପ୍ରଦାନକାରୀ ସେହି ମହାନ ଅସ୍ତିତ୍ୱଙ୍କ ସହିତ ସଂଶ୍ଳୀଷ୍ଟ ହୋଇ ଇହକାଳ ଓ ପରକାଳରେ ନିଜର କୁଶଳତାରେ ବସ୍ତୁ ପ୍ରସ୍ତୁତ କରିନିଅ।

**ପ୍ରଶ୍ନ-** ଆଁହଜରତ[ସ.ଅ] ପ୍ରାଣୀମାନଙ୍କ ପ୍ରତି କିପରି ସମବେଦନା ଜ୍ଞାପନ ତଥା ବ୍ୟକ୍ତ କରୁଥିଲେ ?

**ଉତ୍ତର-** ହୁଜୁର ଅନ୍ୱର[ଅ.ବ] କହିଲେ: ରସୁଲ୍ କରୀମ୍[ସ.ଅ]ଙ୍କୁ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ ଜୀବ ତଥା ପ୍ରାଣୀମାନଙ୍କ ସଂକ୍ରାନ୍ତରେ କିପରି ସମବେଦନା ରହିଥିଲା, ଆପଣ[ସ.ଅ] କିପରି ପ୍ରାଣୀମାନଙ୍କ ପ୍ରତି ଚିନ୍ତିତ ରହୁଥିଲେ ତତ୍‌ସଂପର୍କରେ ଅଲ୍ଲାଃତାଲା ପବିତ୍ର କୁରଆନର ସୁରାହ୍ ଶୋରାରେ କୁହନ୍ତି لَعَلَّكَ بَاخِعٌ نَّفۡسَكَ اَلَّا يَكُوۡنُوۡا مُؤۡمِنِيۡنَ **(ଅଶଶୋରା-4)** ଅର୍ଥାତ ହେ ମୁହମ୍ମଦ[ସ.ଅ] ! ସେମାନେ (ଅବିଶ୍ୱାସକାରୀମାନେ) କାହିଁକି ବିଶ୍ୱାସ କରୁ ନାହାନ୍ତି ସେଥି ପାଇଁ ସମ୍ଭବତଃ ତୁମେ ନିଜ ଜୀବନକୁ ବିନାଶମୁଖୀ କରାଇ ନେବ ?

**ପ୍ରଶ୍ନ-** ୟୁକ୍ରେନ ଯୋଗୁଁ କେଉଁ ପ୍ରକାରର ପରିସ୍ଥିତି ଉତ୍ପନ୍ନ ହେଉଅଛି ?

ଉତ୍ତର- ହୁଜୁର ଅନ୍ୱର[ଅ.ବ] କହିଲେ: ୟୁକ୍ରେନ ଯୋଗୁଁ ଋଷ ଓ ନାଟୋର ସହଯୋଗୀ ରାଷ୍ଟ୍ରମାନେ ମୁହାଁମୁହିଁ ଛିଡ଼ା ହୋଇଛନ୍ତି। ଅଲ୍ଲାଃତାଲା ଭଲ ଭାବରେ ଜାଣନ୍ତି ଯେ, କିଏ ଶ୍ରେଷ୍ଠତ୍ୱ ପ୍ରାପ୍ତ କରିବ ଅବା ଉଭୟ ପକ୍ଷରୁ ଆଉ କେତେ କ୍ଷୟ କ୍ଷତି ହେବାକୁ ବାକି ଅଛି । କିନ୍ତୁ ଏକଥା ସୁନିଶ୍ଚିତ ଯେ, ଏହାର ପରିଣାମ ଅତ୍ୟନ୍ତ ଭୟଙ୍କର ହେବ ଓ ବର୍ତ୍ତମାନ ବି ଯଦି ବୁଦ୍ଧି ବିବେକର ସହିତ କାର୍ଯ୍ୟ ନକରାଯାଏ ତେବେ ଏକ ଭୟଙ୍କରପୂର୍ଣ୍ଣ ବିନାଶ ଏହାର ପରିଣାମ ବାହାରିବ ।

**ପ୍ରଶ୍ନ-** କେତେକ ବିଶ୍ଳେଷକ ଯୁଦ୍ଧ ପରର ପରିସ୍ଥିତି ସଂକ୍ରାନ୍ତରେ କ'ଣ ମତାମତ ରଖନ୍ତି ?

**ଉତ୍ତର-** ହୁଜୁର ଅନ୍ୱର୍[ଅ.ବ] କହିଲେ: କେତେକ ସ୍ଥଳେ ବିଶ୍ଳେଷଣକାରୀମାନେ ଏହା ମଧ୍ୟ କୁହନ୍ତି ଓ ଏହି ମତ ରଖନ୍ତି ଯେ, ଯୁଦ୍ଧ ପରିସ୍ଥିତିରେ ଯେଉଁ ବିନାଶ ହେବ ତାହା ଏଭଳି ଭୟଙ୍କର ହେବ ଯେ, ଏକ ଆକଳନ ଅନୁଯାୟୀ ଯୁଦ୍ଧ ପରିସ୍ଥିତିରେ ଯେଉଁ ବିନାଶ ହେବ ତାହା ଏଭଳି ଭୟଙ୍କର ବିନାଶ ହେବ ଯେ, ଏକ ଆକଳନ ଅନୁଯାୟୀ ଯୁଦ୍ଧ ଚାଲିଥିବା ଅବସ୍ଥାରେ ଓ ଯୁଦ୍ଧ ପରେ ଦୁଇ ବର୍ଷ ମଧ୍ୟରେ ଆଣବିକ ଅସ୍ତ୍ରର ବ୍ୟବହାର ଯୋଗୁଁ ପୃଥିବୀର ସମୁଦାୟ ଜନସଂଖ୍ୟା ମଧ୍ୟରୁ ୬୬% ଜନବସତି ଭୂପୃଷ୍ଠରୁ ନିଶ୍ଚିହ୍ନ ହୋଇଯିବ। ଏଭଳି ବିନାଶ ଓ ଧ୍ୱଂସ ହେବ ଯେ, ଯାହାର କେହି କଳନା ମଧ୍ୟ କରି ପାରିବ ନାହିଁ। ଜଣେ ସାଧାରଣ ବ୍ୟକ୍ତି ତ' ଏ ବିଷୟରେ ଚିନ୍ତା ମଧ୍ୟ କରିପାରିବ ନାହିଁ।

**ପ୍ରଶ୍ନ-** ଆଁହଜରତ[ସ.ଅ] ଓ ପବିତ୍ର କୁରଆନ୍ କରୀମ୍ ଉପରେ ବିଶ୍ୱାସ ଆଣିବା କାହିଁକି ଜରୁରୀ ଅଟେ ?

**ଉତ୍ତର-** ହ. ମସିହ୍ ମଉଦ୍[ଅ.ସ] କୁହନ୍ତି: ବର୍ତ୍ତମାନ ଭୂପୃଷ୍ଠରେ କେବଳ ଏକମାତ୍ର ନବୀ ଓ ଏକମାତ୍ର ଧର୍ମଗ୍ରନ୍ଥ ରହିଛି। ଅର୍ଥାତ ହ. ମୁହମ୍ମଦ[ସ.ଅ] ଯେକି ସର୍ବୋଚ୍ଚ ତଥା ସର୍ବୋତ୍ତମ ଏବଂ ସର୍ବଶ୍ରେଷ୍ଠ ନବୀମାନଙ୍କ ଅପେକ୍ଷା ପୂର୍ଣ୍ଣତମ ଓ ସମସ୍ତ ଅବତାରମାନଙ୍କ ଠାରୁ ନବି ଶିରୋମଣି, ଖାତମୁଲ୍ ଅମ୍ବିୟା ତଥା ଲୋକମାନଙ୍କ ମଧ୍ୟରେ ପୁରୁଷୋତ୍ତମ ଅଟନ୍ତି । ଯାହାଙ୍କୁ ଅନୁକରଣ କରିବା ଦ୍ୱାରା ପ୍ରଭୁ ପରେମେଶ୍ୱର ପ୍ରାପ୍ତ ହୋଇଥାଆନ୍ତି । ଅନ୍ଧକାରର ପରଦା ହଟିଇଥାଏ ଓ ଇହକାଳରେ ହିଁ ପ୍ରକୃତ ମୋକ୍ଷର ଲକ୍ଷଣ ଓ ନିଦର୍ଶନ ଦୃଶ୍ୟମାନ ହୋଇଥାଏ । ପବିତ୍ର କୁରଆନ୍ କରୀମ ଯାହା ସତ୍ୟ ଓ ସଂପୂର୍ଣ୍ଣ ମାର୍ଗଦର୍ଶନ, ପ୍ରଭାବର ସମଷ୍ଟି । ଯାହା ମାଧ୍ୟମରେ ପ୍ରକୃତ ଜ୍ଞାନର ସତ୍ୟତା ଓ ପରିଚୟ ପ୍ରାପ୍ତ ହୋଇଥାଏ । ମାନବିକ କଳୁଷତା ଓ ମଳୀନତାରୁ ହୃଦୟ ପବିତ୍ର ହୋଇଥାଏ । ମନୁଷ୍ୟ ମୂର୍ଖତା, ଅବୋଧତା, ଅଜ୍ଞାତତା, ସଂଶୟ ଜନିତ ପରଦା ଠାରୁ ମୁକ୍ତି ପ୍ରାପ୍ତ କରି ସତ୍ୟ ବିଶ୍ୱାସର ସ୍ଥାନ ପର୍ଯ୍ୟନ୍ତ ପହଞ୍ଚି ଯାଇଥାଏ ।

**ପ୍ରଶ୍ନ-** ଆମେମାନେ କେତେବେଳେ ଜ୍ଞାନ ଓ ପରିଚୟର ସଠିକ୍ ଅବବୋଧ ପ୍ରାପ୍ତ କରିପାରିବୁ ?

**ଉତ୍ତର-** ହୁଜୁର ଅନ୍ୱର୍[ଅ.ବ] କହିଲେ: ପ୍ରକୃତ ଏକଶ୍ୱରବାଦୀ ବ୍ୟକ୍ତ ହିଁ ପ୍ରକୃତ ଶାନ୍ତି ଓ ସୌହାର୍ଦ୍ଦ୍ୟର ଧ୍ୱଜବାହକ ଅଟେ । ମୁସଲମାନମାନେ ଯଦି ବାସ୍ତବରେ ଉକ୍ତ ବିନ୍ଦୁକୁ ବୁଝି ନିଅନ୍ତି ଓ ତଦନୁଯାୟୀ ନିଜର ଜୀବନ ଅତିବାହିତ କରନ୍ତି ତେବେ ପୃଥିବୀ ପୃଷ୍ଠରେ ପ୍ରକୃତ ଶାନ୍ତ ପ୍ରିୟ ବ୍ୟକ୍ତିମାନେ ଏହିମାନେ ହିଁ ହେବେ । କିନ୍ତୁ ସେହି କଥା ଅର୍ଥାତ ଏଥି ନିମନ୍ତେ ଆଁହଜରତ ସ.ଅଙ୍କର ସତ୍ୟନିଷ୍ଠ ଦାସଙ୍କ ସହିତ ସଂଶ୍ଳୀଷ୍ଟ ହେବା ମଧ୍ୟ ଏକାନ୍ତ ଆବଶ୍ୟକ, ତେବେଯାଇ ଆମେମାନଙ୍କୁ ଜ୍ଞାନ ଓ ପରିଚୟର ସଠିକ୍ ଅବବୋଧ ହୋଇପାରିବ ।

**ପ୍ରଶ୍ନ-** ପ୍ରକୃତ ଶାନ୍ତି ଓ ସଦ୍‌ଭାବନା ସ୍ଥାପନ କରିବା ନିମନ୍ତେ କ'ଣ ସବୁ ଜରୁରୀ ଅଟେ ?

**ଉତ୍ତର-** ହୁଜୁର ଅନ୍ୱର୍[ଅ.ବ] କହିଲେ: ପ୍ରତ୍ୟେକ ଅହେମଦିର ଏହି କର୍ତ୍ତବ୍ୟ ଯେ, ପ୍ରକୃତ ଶାନ୍ତି ତଥା ସୌହାର୍ଦ୍ଦ୍ୟ ପୃଥିବୀରେ ସୃଷ୍ଟି କରିବାକୁ ହେଲେ ଏକେଶ୍ୱର ପ୍ରଭୁଙ୍କ ଉପରେ ବିଶ୍ୱାସକୁ ସୁଦୃଢ କରିବାକୁ ହେବ। ଈଶ୍ୱରଙ୍କ ପ୍ରେମକୁ ନିଜର ହୃଦୟ ମଧ୍ୟରେ ଆସନ୍ନିତ କରି ଅନ୍ୟ କୌଣସି ପ୍ରେମ, ମୋହ ମାୟା ତାହାଙ୍କ ସ୍ଥାନ ନ ନେଉ । ପ୍ରଭୁଙ୍କ ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରିବା ନିମନ୍ତେ ଆଁହଜରତ[ସ.ଅ]ଙ୍କ ଉପରେ ଅବତୀର୍ଣ୍ଣ ହୋଇଥିବା ଶିକ୍ଷା ଅର୍ଥାତ ପବିତ୍ର କୁରଆନ୍‌କୁ ନିଜ ଜୀବନର ଅଭିନ୍ନ ଅଙ୍ଗ ରୂପେ ସାମିଲ୍ କରିବା ଉଚିତ। ଯେତେବେଳେ ଆମମାନଙ୍କର ସ୍ତର ଏହି ପର୍ଯ୍ୟନ୍ତ ହୋଇଯିବ ଅର୍ଥାତ ପବିତ୍ର କୁରଆନ୍‌ର ପ୍ରତ୍ୟେକ ଆଦେଶ ଓ ଆଁହଜରତ ସ.ଅଙ୍କର ପ୍ରତ୍ୟେକ ଆଦେଶାବଳୀ ଆମର ଆଚରଣ ଓ ଉଚ୍ଚାରଣର ଅଂଶ ପାଲଟି ଯିବ ତେବେଯାଇ ଆମେମାନେ ସଂସାରକୁ ଇସ୍‌ଲାମ୍ ଧର୍ମର ପ୍ରକୃତ ବାର୍ତ୍ତା ପହଞ୍ଚାଇ ପାରିବୁ। ସେମାନଙ୍କୁ ପ୍ରକୃତ ଶାନ୍ତିର ସୂତ୍ର ନା କେବଳ ଶିକ୍ଷା ଉପସ୍ଥାପିତ କରି କହିବୁ ବରଂ ନିଜର କର୍ମାଚରଣ ମାଧ୍ୟମରେ କର୍ମ କରି ସେମାନଙ୍କୁ ଶିଖାଇ ପାରିବୁ । ସୁତରାଂ ଏହି ହିଁ ସଂସାରରେ ପ୍ରକୃତ ଶାନ୍ତି ସ୍ଥାପନ କରିବାର ଏକମାତ୍ର ମାଧ୍ୟମ ତଥା ପନ୍ଥା ଅଟେ ।

**ପ୍ରଶ୍ନ-** ଜଲ୍‌ସାରେ ମହିଳା ପୁରୁଷମାନଙ୍କର ଉପସ୍ଥିତି କେତେ ଥିଲା ?

**ଉତ୍ତର-** ହୁଜୁର ଅନ୍ୱର୍[ଅ.ବ] କହିଲେ: ଜଲ୍‌ସାରେ ଆମର ମୋଟ୍ ଉପସ୍ଥିତି ୧୯,୭୮୨ ଥିଲା । ଯହିଁରେ ମହିଳା ମାନଙ୍କର ସଂଖ୍ୟା ୯,୪୮୨ ଓ ପୁରୁଷମାନଙ୍କର ସଂଖ୍ୟା ୧୦,୩୦୦ ପାଖାପାଖି ଥିଲା । ଏତଦ୍‌ଭିନ୍ନ ଯେଉଁ ଲୋକମାନେ ଅନ୍ୟ ମାଧ୍ୟମରେ ଲୋକମାନେ ଜଲ୍‌ସା ସାଲାନାର କାର୍ଯ୍ୟକ୍ରମ ଦେଖୁଛନ୍ତି ଅବା ଶୁଣୁଛନ୍ତି ସେମାନଙ୍କର ସଂଖ୍ୟା ମଧ୍ୟ ୪୦,୦୦୦ ଊର୍ଦ୍ଧ୍ୱ ଥିଲା ।

**ପ୍ରଶ୍ନ-** ସତ୍‌ହୃଦୟ ହୋଇ ଆଁହଜରତ ସ.ଅଙ୍କର ଅନୁକରଣ କରିବା ଫଳରେ ମନୁଷ୍ୟ କେଉଁ ସ୍ତର ପର୍ଯ୍ୟନ୍ତ ପହଞ୍ଚି ଯାଇଥାଏ?

**ଉତ୍ତର-** ହୁଜୁର ଅନ୍ୱର୍[ଅ.ବ] କହିଲେ: ଯେଉଁଠି ସେ ଅଲ୍ଲାଃତାଲାଙ୍କ ସହିତ ପ୍ରକୃତ ପ୍ରେମକାରୀ ବ୍ୟକ୍ତି ରୂପେ ପରିଚିତ ହୋଇଯାଇଥାଏ । ଏହି ପ୍ରକୃତତ ପ୍ରେମ ପୁନଶ୍ଚ ମନୁଷ୍ୟର ପ୍ରତ୍ୟେର ଆଚରଣ ଓ ଉଚ୍ଚାରଣକୁ ପ୍ରଭୁଙ୍କର ପ୍ରସନ୍ନତା ପ୍ରାପ୍ତକାରୀ ବ୍ୟକ୍ତି ରୂପେ ପରିଗଣିତ କରିଥାଏ।

**ପ୍ରଶ୍ନ-** ଯେତେବେଳେ କୌଣସି ବ୍ୟକ୍ତି ସହିତ ପ୍ରକୃତ ହୃଦୟର (ଅର୍ଥାତ ମନ ପ୍ରାଣ ଦେଇ) ସହିତ ପ୍ରେମ ହୁଏ ସେତେବେଳେ ବ୍ୟକ୍ତିର କ'ଣ ଅବସ୍ଥା ହୁଏ ?

**ଉତ୍ତର-** ହୁଜୁର ଅନ୍ୱର୍[ଅ.ବ] କହିଲେ: ଯେତେବେଳେ କୌଣସି ବ୍ୟକ୍ତି ସହିତ ପ୍ରେମ ହୁଏ ସେତେବେଳେ ତା'ର ପ୍ରତ୍ୟେକ ଆଚରଣ ଓ ଉଚ୍ଚାରଣ ଉପରେ ମନୁଷ୍ୟ କାର୍ଯ୍ୟାନୁସରଣ କରିବା ପାଇଁ ଉଦ୍ୟମ କରିଥାଏ, ତା'ର ସବୁ କଥାକୁ ଶୁଣିବା ଓ ମାନିବା ପାଇଁ ଉଦ୍ୟମ କରିଥାଏ।

**ପ୍ରଶ୍ନ-** ହୁଜୁର ଅନ୍ୱର[ଅ.ବ] ନିଜର ଉଦ୍‌ବୋଧନ ଅନ୍ତେ ଜମାଅତ୍‌ର ସମସ୍ତ ସଦସ୍ୟବୃନ୍ଦଙ୍କୁ କେଉଁ କଥା ଆଡ଼କୁ ଧ୍ୟାନ ଆକର୍ଷଣ କଲେ ?

ଉତ୍ତର- ହୁଜୁର ଅନ୍ୱର୍[ଅ.ବ] କହିଲେ: ସମସ୍ତେ ଏହି ଦୁଆ କରନ୍ତୁ ଯେ, ଅଲ୍ଲାଃତାଲା ଜଲ୍‌ସାରେ ଅଂଶ ଗ୍ରହଣ କରିଥିବା ସମସ୍ତ ଅଂଶଗ୍ରହଣକାରୀଙ୍କୁ କଲ୍ୟାଣର ଅଧିକାରୀ କରନ୍ତୁ ଓ ପ୍ରତ୍ୟେକଙ୍କୁ ହ. ମସିହ୍ ମଉଦ୍ ଅ.ସଙ୍କ ଦୁଆର (ପ୍ରାର୍ଥନାର) ପ୍ରକୃତ ଅଧିକାରୀ କରି ଦିଅନ୍ତୁ । ଯଥାଶୀଘ୍ର ପୃଥିବୀର ଅବସ୍ଥାରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ସୃଷ୍ଟି ହୋଇଯାଉ । କାରଣ ଆମେମାନେ ନିଜର ଜଲ୍‌ସା ପୁନଃ ବ୍ୟାପକ ରୂପେ ତଥା ଏହିଭଳି ଭବ୍ୟତାର ପ୍ରତ୍ୟେକ ପ୍ରକାରର ଚିନ୍ତା ଠାରୁ ମୁକ୍ତ ହୋଇ ଆୟୋଜନ କରିବାକୁ ସକ୍ଷମ ହୋଇପାରିବୁ ଏବଂ ଜଲ୍‌ସାକୁ ନିଜର ଆଧ୍ୟାତ୍ମିକ ତଥା ଶୈକ୍ଷିକ ତୃଷ୍ଣା ମେଣ୍ଟାଇବାର ଏକ ମାଧ୍ୟମ ରୂପେ କରିନେବୁ । ବାସ୍ତବରେ ନିଜର ଜୀବନକୁ ଇସ୍‌ଲାମ୍ ଧର୍ମର ଶିକ୍ଷାନୁଯାୟୀ ପରିଚାଳିତ ହେବାକୁ ସକ୍ଷମକାରୀ ବ୍ୟକ୍ତିରେ ପିରଣତ ହୋଇଯାଉ । ଅଲ୍ଲାଃତାଲାଙ୍କର ପ୍ରେମ ଓ ତାହାଙ୍କର କୃପାକୁ ସାଉଁଟିଲା ବାଲା ବ୍ୟକ୍ତିରେ ପରିଣତ ହୋଇଯାଉ । ଅଲ୍ଲାଃତାଲା ଏଥି ନିମନ୍ତେ ଆମମାନଙ୍କୁ ସମାର୍ଥ୍ୟ ପ୍ରଦାନ କରନ୍ତୁ ।

**ପ୍ରଶ୍ନ-** ପ୍ରଭୁଙ୍କର ପ୍ରସନ୍ନତା ଆମମାନଙ୍କୁ କେତେବେଳେ ପ୍ରାପ୍ତ ହେବ ?

ଉତ୍ତର- ହୁଜୁର ଅନ୍ୱର୍[ଅ.ବ] କହିଲେ: ଉକ୍ତ ନୀତିକୁ ସମ୍ମୁଖରେ ରଖି ସର୍ବଦା ଏହି ଚିନ୍ତାଧାରା ରଖିବା ଉଚିତ ଯେ, ମୁଁ ଯଦି କେବଳ ନିଜ ପାଇଁ କିମ୍ବା ନିଜର ଜାତି ପାଇଁ ଅବା ନିଜର ଦେଶ ପାଇଁ ଶାନ୍ତିର ଅଭିଳାଷୀ ଓ ଆଶାବାଦୀ ତେବେ ସେପରିପ୍ରେକ୍ଷୀରେ ଅଲ୍ଲାଃତାଲାଙ୍କର ସାହାଯ୍ୟ, ତାହାଙ୍କ ସମର୍ଥନ ଏବଂ ତାହାଙ୍କର ପ୍ରସନ୍ନତା କେବେ ବି ପ୍ରାପ୍ତ ହୋଇ ପାରିବ ନାହିଁ । ମନୁଷ୍ୟ ଯେତେବେଳେ ଉକ୍ତ ଆସ୍ଥା ଉପରେ ନିଜକୁ ଅବସ୍ଥାପିତ କରିନିଏ । ଅର୍ଥାତ ଅଲ୍ଲାଃତାଲାଙ୍କ ପାଇଁ ସବୁକିଛି କରିବି ସେତେବେଳେ ପ୍ରକୃତ ଶାନ୍ତି ସ୍ଥାପନ ହୋଇ ପାରିବ ଅନ୍ୟଥା ଶାନ୍ତି ସ୍ଥାପନ ହୋଇପାରିବ ନାହିଁ ।

**ପ୍ରଶ୍ନ-** ପୃଥିବୀରେ ବର୍ତ୍ତମାନ ଯେତେ ଯୁଦ୍ଧ ଓ କଳହ ହେଉଛି ତା'ର ମୁଖ୍ୟ କାରଣ କ'ଣ ?

**ଉତ୍ତର-** ହୁଜୁର ଅନ୍ୱର୍[ଅ.ବ] କହିଲେ: ପୃଥିବୀରେ ବର୍ତ୍ତମାନ ଯେତେସବୁ ଯୁଦ୍ଧ ଓ କଳହ ତଥା ଉପଦ୍ରବ ହେଉଅଛି ତାହା ଏଇଥି ପାଇଁ ହେଉଛି ଯେ, ମନୁଷ୍ୟର ଇଚ୍ଛା, ସଂକଳ୍ପ ସ୍ୱଚ୍ଛ ନୁହେଁ ।

ପ୍ରଶ୍ନ- ଆମେମାନେ କାହା ମାଧ୍ୟମରେ ପ୍ରଭୁଙ୍କର ପ୍ରସନ୍ନତା, ଅନୁଗ୍ରହତା ଓ ତାହାଙ୍କର ଅନୁକରଣତ୍ୱ ପ୍ରାପ୍ତ କରିପାରିବୁ।

ଉତ୍ତର- ହୁଜୁର ଅନ୍ୱର୍[ଅ.ବ] କହିଲେ: قَدۡ جَآءَكُمۡ مِّنَ اللّٰهِ نُوۡرٌ وَّ كِتٰبٌ مُّبِيۡنٌ ۔ يَّهۡدِىۡ بِهِ اللّٰهُ مَنِ اتَّبَعَ رِضۡوَانَهٗ سُبُلَ السَّلٰمِ **(ଅଲ ମାଏଦା: 16-17)** ଅର୍ଥାତ ବସ୍ତୁତଃ ଅଲ୍ଲାଃଙ୍କ ପକ୍ଷରୁ ତୁମମାନଙ୍କ ଲାଗି ଏକ ଜ୍ୟୋତି ଓ ଉଜ୍ଜ୍ୱଳ ଗ୍ରନ୍ଥ ଆସିଛି । ଯେଉଁମାନେ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଲାଭ କରିବା ପାଇଁ ଉଦ୍ୟମ କରନ୍ତି ଅଲ୍ଲାଃତାଲା ସେମାନଙ୍କୁ ଏହାଦ୍ୱାରା ଶାନ୍ତିର ପଥରେ ପରିଚାଳିତ କରାଇ ସେମାନଙ୍କର ମାର୍ଗଦର୍ଶନ କରନ୍ତି ।

**ପ୍ରଶ୍ନ-** ଆମେମାନେ କେତେବେଳେ ନିଜର ସଂସାର ଓ ଶେଷ ପରିଣତିକୁ ସୁଧାରି ପାରିବୁ?

**ଉତ୍ତର-** ହୁଜୁର ଅନ୍ୱର୍ ଅ.ବ କହିଲେ: ନିଜର ସଂସାର ଓ ଶେଷାବସ୍ଥାକୁ ଆମେମାନେ ସୁଧାରିବାକୁ ଚାହୁଁଛେ ତେବେ ଆମମାନଙ୍କୁ ଅଲ୍ଲାଃତାଲାଙ୍କର ସେହି ବାଣୀ ଯାହା ଆଁହଜରତ[ସ.ଅ]ଙ୍କ ଉପରେ ଅବତୀର୍ଣ୍ଣ ହେଲା ତାହାକୁ ସର୍ବଦା ନିଜ ସମ୍ମୁଖରେ ରଖିବା ଉଚିତ୍ । ଅର୍ଥାତ يَّهۡدِىۡ بِهِ اللّٰهُ مَنِ اتَّبَعَ رِضۡوَانَهٗ سُبُلَ السَّلٰمِ ଅର୍ଥାତ ଯେଉଁମାନେ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଲାଭ କରିବା ପାଇଁ ଉଦ୍ୟମ କରନ୍ତି ଅଲ୍ଲାଃତାଲା ସେମାନଙ୍କୁ ଏହାଦ୍ୱାରା ଶାନ୍ତିର ପଥରେ ପରିଚାଳିତ କରାଇ ସେମାନଙ୍କର ମାର୍ଗଦର୍ଶନ କରନ୍ତି ।

...☆...☆...☆...☆...

**ଅଲ୍ଲାଃତାଲାଙ୍କ ବାଣୀ**

**"ୟା ଅୟୁହଲ୍ ଲଜିନା ଆମନୁ ଇଉକୁଲ୍ଲାଃ ୱ କୁନୁ ମାଆସ୍ ସାଦିକିନା"**

"ଅର୍ଥାତ ହେ ବିଶ୍ୱାସକାରୀଗଣ ! ଅଲ୍ଲାଃତାଲାଙ୍କୁ ଭୟ କରି ଧର୍ମପରାୟଣତ ଅବଲମ୍ବନ କର ଓ ସର୍ବଦା ସାଧୁ ଏବଂ ସତ୍ୟବାଦୀଙ୍କ ସହିତ ସାମିଲ ହୁଅ ।"

(ଅତ୍‌ତୌବା: 120)

ତାଲିବେ ଦୁଆ: Sk Shamim Ahmad Sultan Moin,
S/o- Subhan Dalabehera, Jamat Ahmadiyya Karadapalli

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan